## ସଂକ୍ଷେପରେ

### ଠିକା ଶ୍ରମିକଙ୍କ ସମସ୍ୟା ନେଇ ଆନ୍ଦୋଳନ ଚେତାବନୀ

**ପାରାଦୀପ,୨୩ା୧(ସ୍ୱ.ପ୍ର.):** ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନ ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନିୟନ ସମ୍ପାଦକ ସନାତନ ବେହେରା ପିପିଏଲ୍‌ରେ କାର୍ଯ୍ୟରତ ୧୫ଶହ ଠିକା ଶ୍ରମିକଙ୍କ ୨୫ ବର୍ଷର ସମସ୍ୟା ଉପରେ କେତେକ ମତ ରଖିଛନ୍ତି। ଉକ୍ତ ଶ୍ରମିକମାନେ ୨୦୨୦ରେ ଶ୍ରମିକନେତା ଘନଶ୍ୟାମ ଜେନାଙ୍କ ପାଖରେ ଜଣାଇଥିଲେ। ପରେ ସେମାନଙ୍କ ୩୭ଟି ପ୍ରସଙ୍ଗ ଉପରେ ୟୁନିୟନ ପକ୍ଷରୁ ୨୦୨୧ ଜୁନ୍‌ରେ ଚିଠି ଲେଖିଥିଲେ। ଏକାଧିକ ବାର ଚିଠି ଲେଖିବା ପରେ କୌଣସି ଆଲୋଚନା ନ ହେବାରୁ ଶ୍ରମିକମାନେ ଗତ ୬ ତାରିଖରୁ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟସ୍ଥଳରେ ପ୍ରତୀକାତ୍ମକ ନାରାବାଜି କରୁଛନ୍ତି। ଏହାସତ୍ତ୍ୱେ ଠିକାସଂସ୍ଥା ଓ କମ୍ପାନୀ କୌଣସି ସମାଧାନ ବାଟ ବାହାର କରୁନାହାନ୍ତି। ଏବେ ୟୁନିୟନ ଚରମ ପତ୍ର ଉଭୟ ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦେଇଛି। ଏହାପରେ ଯେକୌଣସି ସମୟରେ ଆନ୍ଦୋଳନ ହୋଇପାରେ ବୋଲି ସେ କହିଛନ୍ତି।

### ଜଗନ୍ନାଥ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ

**ପାରାଦୀପ,୨୩ା୧(ସ୍ୱ.ପ୍ର.):** ପାରାଦୀପ ଜଗନ୍ନାଥ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ଶେଷ ହୋଇଛି। ସନ୍ଧ୍ୟାରେ ଫଳାଫଳ ଘୋଷଣା କରାଯାଇଛି। ଏଥିରେ ସଭାପତି ଭାବେ ଛଇଳଚନ୍ଦ୍ର ଜେନା ତାଙ୍କ ପ୍ରତିପକ୍ଷଙ୍କ ଠାରୁ ୫୮ ଭୋଟରେ ଜିତିଛନ୍ତି। କାର୍ଯ୍ୟକାରୀ ସଭାପତିଭାବେ ସୁଧୀର କୁମାର ଜେନା ୭୧ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ଉପସଭାପତି ମାନସ ପାତ୍ର, ସମ୍ପାଦକ ବିଶ୍ୱରଞ୍ଜନ ପଲେଇ ଓ କୋଷାଧକ୍ଷ ଭାବେ ସୁନାକର ମହାନ୍ତି ବିଜୟୀ ହୋଇଛନ୍ତି। ସଂଘର ୫୨୧ ଭୋଟରଙ୍କ ମଧ୍ୟରୁ ୪୯୪ ଜଣ ନିର୍ବାଚନରେ ମତଦାନ କରିଥିଲେ।

### ପୁରାତନ ଛାତ୍ର ସଂସଦ ନୂତନ କର୍ମକର୍ତ୍ତା ଚୟନ

#### ନାଇଜର କୁଳସଚିବ ସଭାପତି ମନୋନୀତ

**ଜଗତ୍‌ସିଂହପୁର ଅଫିସ,୨୩ା୧:** ଜଗତ୍‌ସିଂହପୁରର ପୁରାତନ ଶିକ୍ଷାନୁଷ୍ଠାନ ଶ୍ରୀକୃଷ୍ଣ ଏକାଡେମୀ ପୁରାତନ ଛାତ୍ର ସଂସଦର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏଥିରେ ନାଇଜର କୁଳସଚିବ ଡ. ଅଭୟ କୁମାର ନାୟକଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବାବେଳେ ଉପସଭାପତିଭାବେ ଏକାଡେମୀର ପ୍ରଧାନଶିକ୍ଷକ ଶୁକଦେବ ସାହୁ ଓ ସୁରପ୍ରସାଦ ମିଶ୍ରଙ୍କୁ ଚୟନ କରାଯାଇଛି। ଅନ୍ୟ କର୍ମକର୍ତ୍ତାମାନେ ହେଲେ ସମ୍ପାଦକ ସନାତନ ଖୁଣ୍ଟିଆ, ଯୁଗ୍ମ ସମ୍ପାଦକ ରାଇ ଚରଣ ତ୍ରିପାଠୀ ଓ କୋଷାଧକ୍ଷ ଆଶିଷ କୁମାର ମାଣିଆ। କାର୍ଯ୍ୟକାରୀ କମିଟି ସଦସ୍ୟମାନେ ହେଲେ ବିପ୍ଳବ ଚୌଧୁରୀ, ବିଜୟ କୁମାର ରାଉତ, ପିନାକୀ ମହାନ୍ତି, ଦୀପ୍ତି କୁମାର ଦାସ, ଅରୂପାନନ୍ଦ ଖଣ୍ଡୁଆଳ ଓ ସୋମନାଥ ସ୍ୱାଇଁ। ଉପଦେଷ୍ଟା ମଣ୍ଡଳୀରେ ମୁରଲୀଧର ଦାସ, ବିନାୟକ ପଟ୍ଟନାୟକ, କାଙ୍ଗାଳି ଚରଣ ମହାପାତ୍ର, ବସନ୍ତ କୁମାର ସ୍ୱାଇଁ, ସଲିଳ କୁମାର ଘୋଷ, ପ୍ରମୋଦ କୁମାର ପଡିହାରୀ, ରଶ୍ମିକାନ୍ତ ସାହୁ ଏବଂ ଗୌରାଙ୍ଗ ଚରଣ ହୋତାଙ୍କୁ ସ୍ଥାନିତ କରାଯାଇଛି। କର୍ମକର୍ତ୍ତା ଚୟନ ପରେ ପ୍ରଧାନ ଶିକ୍ଷକ ସାହୁ ପୁରାତନ ଛାତ୍ର ସଂସଦର ନୂତନ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ନେତାଙ୍କ ଚିନ୍ତା

**ଜଗତ୍‌ସିଂହପୁର ଅଫିସ, ୨୩ା୧**

**ପଞ୍ଚାୟତ ନିର୍ବାଚନ**
- ଏକାଧିକ ଦଳୀୟ ସମର୍ଥିତ ପ୍ରାର୍ଥୀ
- ଯାଞ୍ଚରେ କଟିଲା ୬୮ ପ୍ରାର୍ଥୀପତ୍ର
- ୨୫ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଜିଲା ପରିଷଦ ଜୋନ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ପଦବୀ ପାଇଁ ୩୮୪୦ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୬ଟି ଜିଲା ପରିଷଦ ଆସନ ପାଇଁ ୧୦୬ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ କୌଣସି ପ୍ରାର୍ଥୀପତ୍ର ନାକଚ ହୋଇନାହିଁ। ବିଶେଷକରି ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କଟି ନ ଥିବାରୁ ପ୍ରତ୍ୟେକ ଆଶ୍ୱସ୍ତି ଅନୁଭବ କରୁଛନ୍ତି। ଅନ୍ୟ ପଦବୀ ଯଥା ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ପଦବୀରେ ୩୭୩୪ଟି ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା। ସେଗୁଡିକ ମଧ୍ୟରୁ ୬୮ଟି ନାକଚ ହୋଇଯାଇଛି।୨୫ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଏ ପରିସ୍ଥିତିରେ ବିଭିନ୍ନ ପଞ୍ଚାୟତରେ ବିଶେଷକରି ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବର ପଦବୀ ପାଇଁ ଏକାଧିକ ପ୍ରାର୍ଥୀ ହୋଇଥିବାରୁ ଦଳୀୟ ମହଲରେ ଚିନ୍ତା ବଢ଼ିଯାଇଛି। ବିଧାୟକ ତଥା ଦଳୀୟ ନେତୃବୃନ୍ଦ କେଉଁ ପ୍ରାର୍ଥୀଙ୍କୁ ଦଳୀୟ ସମର୍ଥନ ଦେବେ ଆଉ କାହାକୁ ପ୍ରତ୍ୟାହାର କରିବେ ସେନେଇ ବିଚାରବିମର୍ଶ ଜାରି ରଖିଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିଧାୟକମାନେ ଅସନ୍ତୁଷ୍ଟଙ୍କୁ ମନେଇବା ପାଇଁ ଜୋରଦାର ଉଦ୍ୟମ ଚଳାଇଛନ୍ତି। ଏପରି କି ଅର୍ଥ, କ୍ଷମତା ଓ ଠିକା କାମ ଆଦିର ଲୋଭ ଦେଖାଇବାକୁ ପଛାଉନାହାନ୍ତି । ଯେଉଁମାନେ ଅବୁଝା ହେବେ ସେମାନଙ୍କୁ ଶେଷ ଅସ୍ତ୍ର ସ୍ୱରୂପ ଦଳରୁ ବିଦା କରିବା ଭଳି କଡା ଚେତାବନୀ ଦିଆଯାଉଥିବା ଚର୍ଚ୍ଚା ହେଉଛି। କେତେଜଣ ପ୍ରାର୍ଥୀ ହଡ଼ବଡେଇ ଯାଉଥିବା ବେଳେ ଆଉ କେତେଜଣ ନାମାଙ୍କନ ପତ୍ର ପ୍ରତ୍ୟାହାର ନ କରିବା ପାଇଁ ନେତାଙ୍କ ସହ ଯୋଗାଯୋଗ ବନ୍ଦ କରିଦେଇଛନ୍ତି। ଏଭଳିସ୍ଥିତିରେ ୨୫ ତାରିଖରେ କେଉଁମାନେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

ଜିଲାର ୧୯୮ ସରପଞ୍ଚ ପଦବୀ ପାଇଁ ୯୪୬ ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ବେଳେ ସେଥିରୁ ୪ଟି ନାକଚ ହୋଇଛି। ସେଥିରୁ ନାଉଗାଁର ଓ ଏରସମା ବ୍ଲକରୁ ୨ ଜଣ ଲେଖାଏ ପ୍ରାର୍ଥୀ ରହିଛନ୍ତି। ସେହିପରି ସମିତି ସଭ୍ୟ ପାଇଁ ୭୫୮ଟି ପ୍ରାର୍ଥୀପତ୍ର ଦାଖଲ ହୋଇଥିବାବେଳେ ୧୨ ନାକଚ ହୋଇଛି । ସେମାନଙ୍କ ମଧ୍ୟରେ ଏରସମାରୁ ୭, କୁଜଙ୍ଗରୁ ୨ ସମେତ ବାଲିକୁଦା, ଜଗତ୍‌ସିଂହପୁର ଏବଂ ତିର୍ତ୍ତୋଲରୁ ଜଣେ ଲେଖାଏ ପ୍ରାର୍ଥୀ ରହିଛନ୍ତି। ଜିଲାର ୩୩୬୪ଟି ୱାର୍ଡସଭ୍ୟ ପଦବୀ ପାଇଁ ୬୨୮୭ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ୫୨ ଜଣଙ୍କ ନାମାଙ୍କନପତ୍ର ନାକଚ ହୋଇଛି। ଏରସମାରୁ ୯, ବାଲିକୁଦା ୧୬, ତିର୍ତ୍ତୋଲ ୮, କୁଜଙ୍ଗ ୧, ନାଉଗାଁ ଓ ଜଗତ୍‌ସିଂହପୁରରୁ ୬ ଜଣ ଲେଖାଏ ଏବଂ ରଘୁନାଥପୁର, ବିରିଡ଼ିରୁ ୩ ଜଣ ଲେଖାଏ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇଛି।

### ଖରସ୍ରୋତା ସାଂସ୍କୃତିକ ପରିଷଦର ନେତାଜୀ ଜୟନ୍ତୀ



**ରାଜକନିକା, ୨୩ା୧(ଡି.ଏନ.ଏ.)**

ରାଜକନିକା ବ୍ଲକର ଖରସ୍ରୋତା ସାଂସ୍କୃତିକ ପରିଷଦ ପକ୍ଷରୁ ରବିବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ୧୨୫ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସଭାପତି ଲକ୍ଷ୍ମୀଧର ରାଉତ ପୌରୋହିତ୍ୟ କରିଥିଲେ। ସଭାରେ ଶିବରାମ ଦାସ, ସହକାରୀ ସମ୍ପାଦକ ନିତ୍ୟାନନ୍ଦ ସାହୁ, ପରିଷଦର ମୁଖପତ୍ର ଖରସ୍ରୋତାର ମୁଖ୍ୟ ସମ୍ପାଦକ ନିରଞ୍ଜନ ବେହେରା, କମଳାକାନ୍ତ ସୂତାର ପ୍ରମୁଖ ଯୋଗଦେଇଥିଲେ। ସେମାନେ ୧୯୪୧ ଜାନୁୟାରିରେ ନେତାଜୀଙ୍କୁ ନବବଧୂ ବେଶରେ ସଜାଇ ଇଂରେଜ ସରକାରଙ୍କୁ ଠକି ଦେଇ ଟ୍ରେନରେ ପଠାଇଥିଲେ ରାଜକନିକା ବ୍ଲକର ପଣସଗଣ୍ଡ ଗ୍ରାମର ନାରାୟଣ ପ୍ରସାଦ ଦାସ। ନେତାଜୀଙ୍କୁ ସେ ଗୁରୁ ଭାବରେ ଜୀବନର ଶେଷ ପର୍ଯ୍ୟନ୍ତ ପୂଜା କରୁଥିଲେ। ଅତିଥିମାନେ ନେତାଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ତାଙ୍କ ଫଟୋଚିତ୍ରରେ ଅତିଥିମାନ ପୁଷ୍ପମାଲ୍ୟ ଦେଇଥିଲେ।

## ୫୫ ଛାତ୍ରୀଛାତ୍ରଙ୍କୁ ଶିଟାରିଓ କରାଟେ ବେଲ୍ଟ ପ୍ରଦାନ



କରାଟେ ବେଲ୍ଟରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର।

**ପାରାଦୀପ, ୨୩ା୧(ସ୍ୱ.ପ୍ର.)**

ପାରାଦୀପ ବେଳାଭୂମିର ପାନ୍ଥନିବାସଠାରେ ରବିବାର ଶିଟାରିଓ କରାଟେ ବେଲ୍ଟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଚଳିତବର୍ଷ କୃତୀ ୫୫ ଛାତ୍ରୀଛାତ୍ରଙ୍କୁ ବେଲ୍ଟ ପ୍ରଦାନ କରାଯାଇଛି। ଶିବିର କୋଭିଡ୍ ଗାଇଡଲାଇନ ଅନୁସାରେ କରାଯାଇଥିଲା। ଏଥିରେ ୪ ଜଣ ଛାତ୍ରୀଛାତ୍ର ବ୍ଲାକବେଲ୍ଟ ପାଇଥିଲେ। ସେମାନେ ହେଲେ ବିଷ୍ଣୁ ପ୍ରସାଦ ରାଉତରାୟ, ବିନାୟକ ଚନ୍ଦ୍ର ମହାରଣା, ସୌମ୍ୟ ସମରେଶ ସ୍ୱାଇଁ ଓ ଶାଶ୍ୱତୀ ବିଭୂସୀତା ପ୍ରିୟଦର୍ଶିନୀ। ପାରାଦୀପ କରାଟେ ସଂଘ ମୁଖ୍ୟ ତଥା ପ୍ରଶିକ୍ଷକ କାହ୍ନୁଚରଣ ମଲ୍ଲିକ ଏହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଅସନ୍ତୁଷ୍ଟ ପ୍ରାର୍ଥୀଙ୍କୁ ମନାଇବାକୁ ପ୍ରୟାସ

**ଆଳି,୨୩ା୧(ଡି.ଏନ.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନ ଓ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ୨୫ ତାରିଖରେ ନାମାଙ୍କନ ପ୍ରତ୍ୟାହାର ସମୟସୀମା ସରିଯିବା ପରେ ନିର୍ବାଚନ ମଇଦାନରେ କେଉଁ ସ୍ଥାନରେ ଦ୍ୱିମୁଖୀ, ତ୍ରିମୁଖୀ ଓ ଚତୁର୍ମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ, ତାହା ସ୍ଥିର ହୋଇଯିବ। ଆଳି ବ୍ଲକର ୩୪ ପଞ୍ଚାୟତର ପ୍ରାର୍ଥୀମାନେ ନିଜ ନିଜ ସପକ୍ଷରେ ଭୋଟ ଭିକ୍ଷା କରିବା ଆରମ୍ଭ କରିଦେଲେଣି। ବ୍ଲକରେ ଚଳିତ ନିର୍ବାଚନରେ ଅନେକ ନୂଆମୁହଁ ଦେଖିବାକୁ ମିଳିଛି। ପଞ୍ଚାୟତସ୍ତରରେ ପ୍ରତ୍ୟେକ ରାଜନୈତିକ ଦଳ ପକ୍ଷରୁ ସମର୍ଥିତ ପ୍ରାର୍ଥୀ ଘୋଷଣା କରିବା ଦଳପତିଙ୍କୁ କାଠିକର ପାଠ ହୋଇପଡିଥିଲା। ବିଜେଡି ପକ୍ଷରୁ ଅନେକ ପଞ୍ଚାୟତରେ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି। ହେଲେ ଚଳିତ ନିର୍ବାଚନରେ ଆଶାୟୀ ଥିବା ପ୍ରାର୍ଥୀମାନେ ଦଳପତିଙ୍କ କଥା ନ ମାନି ନାମାଙ୍କନ ଦାଖଲ କରିଛନ୍ତି। ଅପରପକ୍ଷରେ ଅନେକ ଆଶାୟୀଙ୍କୁ ନିର୍ବାଚନରୁ ଓହରିବା ନିମନ୍ତେ କେତେଜଣ ବରିଷ୍ଠ ନେତୃତ୍ୱ ବୁଝାଉଛନ୍ତି। କିନ୍ତୁ ପ୍ରାର୍ଥୀପତ୍ର ଦାଖଲ କରିଥିବା ଆଶାୟୀ ବୋଲ ମାନିବାକୁ ନାରାଜ। ବିଜେଡି ଚଳିତ ନିର୍ବାଚନରେ ବ୍ଲକର ୪ଟି ଜିଲା ପରିଷଦ ଜୋନ୍‌କୁ ଅକ୍ତିଆର କରିବା ସହ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ଦଖଲ କରିବାକୁ ଉଦ୍ୟମ କରୁଛି। ସେହିପରି କଂଗ୍ରେସ ଓ ଭାଜପା ମିଳିତ ଭାବେ ଲଢ଼େଇ କରିବାକୁ ଉଦ୍ୟମ କରୁଥିବା ଶୁଣିବାକୁ ମିଳୁଛି। ବିଭିନ୍ନ ପଞ୍ଚାୟତସ୍ତରରେ ବିଜେଡିରେ ଥିବା ଅସନ୍ତୋଷ ପ୍ରାର୍ଥୀମାନଙ୍କ କନ୍ଦଳର ଫାଇଦା ଉଠାଇବାକୁ କଂଗ୍ରେସ ଓ ଭାଜପା ଉଦ୍ୟମ କରୁଛନ୍ତି। ବିଜେଡି ନିଜ ଗଡ଼ ରକ୍ଷା କରିବା ନିମନ୍ତେ ଅକ୍ଳାନ୍ତ ପରିଶ୍ରମ କରୁଥିବା ଦେଖିବାକୁ ମିଳିଲାଣି। ପ୍ରାର୍ଥୀମାନେ ଦିନରାତି ଏକ୍ କରି ନିଜ ସପକ୍ଷରେ ଭୋଟ ହାତେଇବା ନିମନ୍ତେ ଆପ୍ରାଣ ଉଦ୍ୟମ କରିବାରେ ଲାଗି ପଡିଛନ୍ତି। ବ୍ଲକର ମେଣ୍ଟପୁର, ବାଳକାଟୀ, ମହୁ, ଗୋବିନ୍ଦପୁର, ବଡ଼ାମ୍ବିଳା ଆଦି ବିଭିନ୍ନ ପଞ୍ଚାୟତରେ ଦଳୀୟ ପ୍ରାର୍ଥୀଙ୍କ ବ୍ୟତୀତ ଅସନ୍ତୁଷ୍ଟଙ୍କ ସଂଖ୍ୟା ଅଧିକ ରହିଛି। ଏଠାରେ ଭୋଟ ବିଭାଜନ ହେବା ନିଶ୍ଚିତ। ତେଣୁ ସମୟ କହିବ କେଉଁ ଦଳ ଚଳିତ ପଞ୍ଚାୟତ ନିର୍ବାଚନରେ ବାଜିମାତ କରିବ।

### ଶିକ୍ଷାବିତ୍‌ଙ୍କ ଶ୍ରାଦ୍ଧୋତ୍ସବରେ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ

**ପାରାଦୀପ, ୨୩ା୧(ସ୍ୱ.ପ୍ର.)**

ପାରାଦୀପ ଉପକଣ୍ଠ ଝିମାଣୀଠାରେ ଥିବା ଜନତା ନୋଡାଲ ହାଇସ୍କୁଲ ପରିସରରେ ସତ୍ୟାନନ୍ଦ ପଣ୍ଡା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ୧୭ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି। କୁଜଙ୍ଗ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ସତ୍ୟାନନ୍ଦ ପଣ୍ଡାଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ଏହା ପ୍ରଦାନ କରାଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ଜାନକୀ ବଲ୍ଲଭ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଅଧ୍ୟାପିକାଅଧ୍ୟାପକ, ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗତ ପଣ୍ଡା କୁଜଙ୍ଗ ଅଞ୍ଚଳରେ ଏକାଧିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି।

## ଯାଞ୍ଚ ବେଳେ ୧୩୦ ପ୍ରାର୍ଥୀପତ୍ର ନାକଚ

**କେନ୍ଦ୍ରାପଡ଼ା ଅଫିସ, ୨୩ା୧**

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ କେନ୍ଦ୍ରାପଡ଼ା ଜିଲାରେ ମୋଟ୍ ୧୦,୫୦୪ ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା। ଶନିବାର ଏହାର ଯାଞ୍ଚ ପରେ ୧୩୦ ଜଣଙ୍କ ପ୍ରାର୍ଥୀପତ୍ରକୁ ଖାରଜ କରାଯାଇଥିବା ଡିପିଓ ସନ୍ତୋଷ କୁମାର ସାହୁ ରବିବାର ସୂଚନା ଦେଇଛନ୍ତି। ଡିପିଓ ସାହୁଙ୍କ ସୂଚନା ଅନୁଯାୟୀ, ଚଳିତ ନିର୍ବାଚନରେ ଜିଲାର ୩,୬୬୩ଟି ୱାର୍ଡସଭ୍ୟ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ୮,୧୨୫ ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ୯୦ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ବିଭିନ୍ନ କାରଣ ପାଇଁ ଖାରଜ ହୋଇଛି। ସେହିପରି ୨୪୯ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ୧୨୬୯ ଜଣରୁ ୨୯ ଜଣ ଓ ସମିତିସଭ୍ୟ ପଦବୀ ଲାଗି ୯୬୮ ମଧ୍ୟରୁ ୮ ଜଣଙ୍କ ପ୍ରାର୍ଥୀପତ୍ରକୁ ଖାରଜ କରାଯାଇଛି। ଏଥିସହ ଜିଲାରେ ୩୨ ଜିଲା ପରିଷଦ ସଭ୍ୟ ପାଇଁ ୧୪୨ ଜଣଙ୍କ ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ବେଳେ ୩ ପ୍ରାର୍ଥୀଙ୍କୁ ଖାରଜ କରାଯାଇଛି। ରାଜନଗର ବ୍ଲକ ଅଞ୍ଚଳରେ ୱାର୍ଡସଭ୍ୟ ପଦ ପାଇଁ ୨ ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଛି। ସେହିପରି ଆଳି ବ୍ଲକ ଅଞ୍ଚଳର ୭ ଜଣ ୱାର୍ଡ ସଭ୍ୟ, ୩ ଜଣ ସମିତି ସଭ୍ୟ, ମହାକାଳପଡ଼ାର ୧୪ଜଣ ୱାର୍ଡସଭ୍ୟ, ଜଣେ ସରପଞ୍ଚ, ଡେରାବିଶର ୫ ଜଣ ୱାର୍ଡସଭ୍ୟ, ଜଣେ ସରପଞ୍ଚ, କେନ୍ଦ୍ରାପଡ଼ାର ୫ ଜଣ ୱାର୍ଡସଭ୍ୟ, ଜଣେ ସରପଞ୍ଚ, ରାଜକନିକାର ୧୭ଜଣ ୱାର୍ଡ ସଭ୍ୟ, ୩ଜଣ ସରପଞ୍ଚ, ୨ଜଣ ସମିତିସଭ୍ୟ, ଗରଦପୁରର ୭ଜଣ ୱାର୍ଡସଭ୍ୟ, ଜଣେ ସମିତିସଭ୍ୟ, ମାର୍ଶାଘାଇର ୬ଜଣ ୱାର୍ଡସଭ୍ୟ, ଜଣେ ସମିତିସଭ୍ୟ ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ସର୍ବାଧିକ ୨୭ ଜଣ ୱାର୍ଡସଭ୍ୟ, ୨୩ ଜଣ ସରପଞ୍ଚ, ଜଣେ ସମିତିସଭ୍ୟ ପଦ ପାଇଁ ନାମାଙ୍କନ ପତ୍ରକୁ ରଦ୍ଦ କରାଯାଇଛି। ଯାଞ୍ଚ ପରେ ଜିଲାରେ ୮,୦୩୫ ଜଣ ୱାର୍ଡ ସଭ୍ୟ, ୧,୨୪୦ଜଣ ସରପଞ୍ଚ, ୯୬୦ ଜଣ ସମିତିସଭ୍ୟ ଓ ୧୩୯ ଜଣ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ରହିଛନ୍ତି।

## ନେତାଜୀ ଜୟନ୍ତୀରେ ବର୍ଷୀୟାନ ବ୍ୟକ୍ତିଙ୍କୁ ସମ୍ମାନିତ




ପାରାଦୀପ ବନ୍ଦର ଅଧ୍ୟକ୍ଷ ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ କରୁଛନ୍ତି।

**ପାରାଦୀପ, ୨୩ା୧(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ରବିବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି. ଏଲ. ହାରାନ୍ଧ ଜଗତ୍‌ସିଂହପୁର ଜିଲାର ୩ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ କରିଛନ୍ତି। ସେମାନେ ହେଲେ ଜଗତ୍‌ସିଂହପୁର ନୂଆପଡା ଗ୍ରାମର ମାଧବାନନ୍ଦ ମନୋହରି, ଇଚ୍ଛାପୁରର ଭାଗୀରଥି ସ୍ୱାଇଁ ଓ ଅଁଳା ଗ୍ରାମର ଯୋଗେନ୍ଦ୍ର ମହାରଣା। ଏତଦ୍‌ବ୍ୟତୀତ ବଡପଡିଆ ବସଷ୍ଟାଣ୍ଡଠାରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଏ. କେ. ବୋଷ, ସଚିବ ପି. ଏନ. ମେହେକର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ଏକ ସଂଗଠନ ନେତାଜୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଅଲଗା ଭାବେ ଜୟନ୍ତୀ ପାଳନ କରାଯାଇଛି।

### ପୂର୍ବତନ ପୌରାଧ୍ୟକ୍ଷ ରମେଶଙ୍କ ପରଲୋକ

**ପାରାଦୀପ, ୨୩ା୧(ସ୍ୱ.ପ୍ର.)**

ପାରାଦୀପ ପୌର ପରିଷଦର ପୂର୍ବତନ ପୌରାଧ୍ୟକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟଙ୍କ ରବିବାର ପରଲୋକ ଘଟିଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। କଟକସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁ ପରେ ମରଶରୀରକୁ ପାରାଦୀପ ଆଣି ସହର ପରିକ୍ରମା କରାଯାଇଥିଲା। ବିଭିନ୍ନ ବ୍ୟକ୍ତିବିଶେଷ, ବସନ୍ତ ବିଶ୍ୱାଳ, ସନ୍ତୋଷ ପଟ୍ଟନାୟକ, ସମ୍ବିତ୍ ରାଉତରାୟ ଓ ଅନ୍ୟମାନେ ମରଶରୀରକୁ ସମ୍ମାନ ଜଣାଇଥିଲେ। ପରେ କୁଜଙ୍ଗ ଷଣ୍ଢପୁର ପୈତୃକ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ଦେବୀପ୍ରସାଦ ମୁଖାଗ୍ନି ଦେଇଥିଲେ।

## ସମର୍ଥିତ ପ୍ରାର୍ଥୀଙ୍କ ନାମ ପ୍ରକାଶ କଲା ବିଜେଡି

**ବାଲିକୁଦା,୨୩ା୧(ସ୍ୱ.ପ୍ର.)**

**ବାଲିକୁଦା ବ୍ଲକ**

ବାଲିକୁଦା ବ୍ଲକରେ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ, ସମିତିସଭ୍ୟ ନିମନ୍ତେ ବିଜେଡିର ସମର୍ଥିତ ପ୍ରାର୍ଥୀଙ୍କ ନାମ ପ୍ରକାଶ କରାଯାଇଛି। ଏନେଇ ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ ରବିବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ଦଳ ପକ୍ଷରୁ ସମର୍ଥନ ଦିଆଯାଇଥିବା ୩୦ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ନାମ କହିଥିଲେ। ସୂଚନାଯୋଗ୍ୟ, ବିଭିନ୍ନ ପଦବୀ ନିମନ୍ତେ ଦଳରୁ ଏକାଧିକ ଆଶାୟୀ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କେତେଜଣ ପ୍ରାର୍ଥୀ ଦଳରୁ ସମର୍ଥନ ପାଇ ନ ଥିଲେ ସୁଦ୍ଧା ନିଜକୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରି ପ୍ରଚାର ଚଳାଇଥିଲେ।

# ଘରକୁ ଘର ବୁଲିଲେଣି ପ୍ରାର୍ଥୀ

**ଡେରାବିଶ, ୨୩ା୧(ସ୍ୱ.ପ୍ର.)**

**ଡେରାବିଶ ବ୍ଲକ**
- ୫ ୱାର୍ଡରେ ନାହାନ୍ତି ପ୍ରାର୍ଥୀ
- ବିଜେଡି କନ୍ଦଳରୁ ଫାଇଦା ଉଠାଇବାକୁ କଂଗ୍ରେସ, ଭାଜପାର ମସୁଧା

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ୨୧ ତାରିଖ ପ୍ରାର୍ଥୀପତ୍ର ଦାଖଲ ପରେ ଶନିବାରଠାରୁ ଆରମ୍ଭ ହୋଇଥିବା ଯାଞ୍ଚ ପ୍ରକ୍ରିୟା ରବିବାର ଅପରାହ୍ନରେ ଶେଷ ହୋଇଛି। ମାତ୍ର ନାମାଙ୍କନ ପତ୍ର ଦାଖଲ ପରେ ଘରକୁ ଘର ବୁଲି ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାର କାର୍ଯ୍ୟକୁ ଜୋର୍‌ଦାର କରିଛନ୍ତି। ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନରେ ରହିଛି ୨୬ଟି ପଞ୍ଚାୟତ। ଏହି ବ୍ଲକରେ ୩ଟି ଜିଲା ପରିଷଦ ଜୋନ୍ ମଧ୍ୟ ରହିଛି। ବିଜେଡି, ଭାଜପା, କଂଗ୍ରେସ ଦଳ ସମେତ ସ୍ୱାଧୀନ ଭାବେ ଜିଲା ପରିଷଦ ଆସନ ପାଇଁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ୨୬ଟି ପଞ୍ଚାୟତରେ ବିଭିନ୍ନ ରାଜନୈତିକ ଦଳର ସମର୍ଥିତ ପ୍ରାର୍ଥୀଙ୍କ ସହ ଦଳ ସମର୍ଥନରୁ ବଞ୍ଚିତ ଆଶାୟୀମାନେ ମଧ୍ୟ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ବ୍ଲକରେ ସମୁଦାୟ ୩୯୦ଟି ୱାର୍ଡ ରହିଛି। ଏଥିମଧ୍ୟରୁ ୫ଟି ୱାର୍ଡରେ ଆଦୌ କେହି ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି। ତେବେ ନାମାଙ୍କନ ପତ୍ର ଦାଖଲ ପରେ ବିଜେଡି, ଭାଜପା ପକ୍ଷରୁ ପ୍ରଚାର ଅଭିଯାନକୁ ଜୋର୍‌ଦାର କରାଯାଇଛି। ସେହିପରି ଦଳୀୟ ଟିକେଟରେ ଜିଲା ପରିଷଦ ପାଇଁ ହୋଇଥିବା ପ୍ରାର୍ଥୀମାନେ ବିଭିନ୍ନ ପଞ୍ଚାୟତକୁ ଯାଇ ସେମାନଙ୍କ ଭୋଟ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ସ୍ୱଳ୍ପସଂଖ୍ୟକ ସମର୍ଥକଙ୍କ ମଧ୍ୟରେ ପ୍ରାର୍ଥୀମାନେ ଭୋଟରମାନଙ୍କୁ ଭେଟୁଥିବା ଦେଖାଯାଉଛି। ନିର୍ବାଚିତ ହେଲେ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ସହ ସାଧାରଣ ଲୋକଙ୍କ ମୌଳିକ ସମସ୍ୟାକୁ ଗୁରୁତ୍ୱ ଦେବା ପାଇଁ ପ୍ରାର୍ଥୀମାନେ ପ୍ରତିଶ୍ରୁତି ଦେଉଥିବା ଲକ୍ଷ୍ୟ କରାଯାଉଛି। ତେବେ ଶାସକ ବିଜେଡିରେ ଦୁଇ ପ୍ରମୁଖ ନେତାଙ୍କ ମଧ୍ୟରେ ଡେରାବିଶ ବ୍ଲକରେ ଏକପ୍ରକାର ଶୀତଳ ଯୁଦ୍ଧ ଆରମ୍ଭ ହୋଇଛି। ବିଜେଡି ସମର୍ଥନରୁ ନିର୍ବାଚନରୁ ବାଦ୍ ପଡ଼ିଥିବା ଆଶାୟୀ ପ୍ରାର୍ଥୀମାନେ ବିପକ୍ଷ ଶିବିରରେ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି। ଚଳିତ ନିର୍ବାଚନରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜାତି ବର୍ଗର ମହିଳାଙ୍କ ପାଇଁ ସଂରକ୍ଷଣ ରହିଛି। ଏହି ସମିତିକୁ ଦଖଲ କରିବା ପାଇଁ ବିଜେଡିର ଦୁଇଗୋଷ୍ଠୀ ମଧ୍ୟରେ କସରତ ଆରମ୍ଭ ହୋଇଛି। ଭାଜପା ଓ କଂଗ୍ରେସ ମଧ୍ୟ ଏହି କନ୍ଦଳରୁ ଫାଇଦା ନେବା ସୁଯୋଗକୁ ଅପେକ୍ଷା କରିଛନ୍ତି। ଡେରାବିଶ ବ୍ଲକରେ ନିର୍ବାଚନୀ ବାତାବରଣ ଏକପ୍ରକାର ଉଷ୍ମ ହେବାରେ ଲାଗିଛି। କେବଳ ୨୫ ତାରିଖ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ପରେ ପ୍ରତ୍ୟେକ ପ୍ରାର୍ଥୀ ସେମାନଙ୍କ ନିର୍ବାଚନ ସଙ୍କେତକୁ ଅପେକ୍ଷା କରି ରହିଛନ୍ତି।

# ନିମ୍ନମାନର ପାଇପ୍: ପାନୀୟ ଜଳ ନଷ୍ଟ

**ନାଉଗାଁ,୨୩ା୧(ସ୍ୱ.ପ୍ର.)**



ଗୋବରୀକୂଳ ଗ୍ରାମ ନିକଟ ପାଇପ୍ ଫାଟି ପାଣି ବାହାରୁଛି।

ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଗ୍ରାମ୍ୟ ପାନୀୟ ଜଳ ପରିମଳ ବିଭାଗ ପକ୍ଷରୁ ନାଉଗାଁ ବ୍ଲକର ବିଭିନ୍ନ ଗ୍ରାମରେ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ କେଉଁଠି ପାଇପ ଫାଟି ପାଣି ବାହାରି ଯାଉଛି ତ ଆଉ କେଉଁଠି ପାଇପରେ ନର୍ଦ୍ଦମା ପାଣି ମିଶୁଛି। ଏହାର ଉଦାହରଣ ଏହି ବ୍ଲକ ଅନ୍ତର୍ଗତ ଡେରିକି ପଞ୍ଚାୟତର ଗୋବରୀକୂଳ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମକୁ ଗଙ୍ଗଦାହାଟଠାରେ ନିର୍ମିତ ହୋଇଥିବା ପାନୀୟ ଜଳ ପ୍ରକଳ୍ପରୁ ପାଇପ ସଂଯୋଗ କରାଯାଇଛି। ମାତ୍ର ଏହି ପାଇପ୍ ଫାଟି ପାଣି ବାହାରୁଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପାନୀୟ ଜଳ ପ୍ରକଳ୍ପରୁ ସଂଯୋଗ କରାଯାଇଥିବା ଏହି ପାଇପଗୁଡିକ ନିମ୍ନମାନର। ଏଥିସହ ଏଗୁଡ଼ିକୁ ସାମାନ୍ୟ ମାଟି ଖୋଳାଯାଇ ପୋତା ଯାଇଛି। ଫଳରେ ରାସ୍ତାରେ ଯାନବାହନ ଯାତାୟାତ ସମୟରେ ମାଟି ଦବି ପାଇପ୍ ଫାଟି ଯାଉଛି। ନିମ୍ନମାନର କାର୍ଯ୍ୟ ଯୋଗୁ ପାଇପ୍ ଫାଟି ପାନୀୟ ଜଳ ନଷ୍ଟ ହେଉଥିବାବେଳେ ରାସ୍ତାରେ ପାଣି ଜମି ଯାତାୟାତରେ ସମସ୍ୟା ହେଉଛି। ବାରମ୍ବାର ଏପରି ଅସୁବିଧା ହେଉଥିବାରୁ ପୁରୁଣା ପାଇପ ବଦଳ କରାଯାଇ ନୂତନ ସଂଯୋଗ କରିବା ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ତପନ ରାଉତ କୁହନ୍ତି, ଖୁବ୍‌ଶୀଘ୍ର ପାଇପ୍ ମରାମତି କରିବା ପାଇଁ ବ୍ୟବସ୍ଥା କରାଯିବ।

## ସଂକ୍ଷେପରେ

### ୩ ବଖରା ଜଳିଗଲା, ୪ ଛେଳି ଜୀବନ୍ତ ଦଗ୍ଧ

**ପାଣିକୋଇଲି,୨୩।୧(ଡି.ଏନ.ଏ.):** କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ତେଲିତା ଗ୍ରାମରେ ଶନିବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ରମେଶ ମହାପାତ୍ରଙ୍କ ୩ ବଖରା ଘର ଜଳିଯାଇଛି। ଏଥିସହିତ ତାଙ୍କର ୪ଟି ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ରମେଶଙ୍କ ପରିବାର ଶୋଇଥିବାବେଳେ ହଠାତ୍ ନିଆଁ ଲାଗିଥିଲା। ଏହା ଜାଣିବା ପରେ ସେମାନେ ବାହାରକୁ ବାହାରି ଆସି ଜୀବନ ରକ୍ଷା କରିଥିଲେ। ପଡ଼ୋଶୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ ସଭାପତି ଅଶୋକ ଦାସଙ୍କ ନେତୃତ୍ୱରେ ସଦସ୍ୟମାନେ ପହଞ୍ଚି ନିଆଁ ଲିଭାରେ ସହଯୋଗ କରିଥିଲେ। ହେଲେ ନିଆଁ ଆୟତ୍ତ ହୋଇ ପାରି ନ ଥିଲା। ଖବର ପାଇ କୁଆଖିଆ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଆୟତ୍ତ ହୋଇଥିଲେ ବି ଘରର ସମସ୍ତ ଆସବାସପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଅନ୍ୟପକ୍ଷରେ ଗ୍ରାମର ଜଣେ ବ୍ୟକ୍ତି ପୂର୍ବ ଶତ୍ରୁତାରୁ ନିଆଁ ଲଗାଇଥିବା ରମେଶ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ତେବେ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

### କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗ

**ଯାଜପୁର ଅଫିସ,୨୩।୧:** ଯାଜପୁର ଜିଲା ବଡ଼ଚଣା ବ୍ଲକରେ କୋଭିଡ୍ କଟକଣାର ଖୋଲା ଉଲ୍ଲଂଘନ ହୋଇଛି। ବହୁ ସଂଖ୍ୟାରେ ସମର୍ଥକଙ୍କ ସହ ପ୍ରାର୍ଥୀମାନେ ବଡ଼ଚଣା ବ୍ଲକ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ପତ୍ର ଦାଖଲ କରିବାର ଫଟୋ ସାମାଜିକ ଗଣମାଧମରେ ଘୁରି ବୁଲୁଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ବିଜ୍ଞପ୍ତି ଅନୁସାରେ ଧାରା ୫୧ ଓ ୬୦ ଏବଂ ଆଇପିସିର ଧାରା ୧୮୮ରେ ବଡ଼ଚଣା ବ୍ଲକ ନିର୍ବାଚନ ଅଧିକାରୀଙ୍କ ସମେତ ପ୍ରାର୍ଥୀ ଓ ତାଙ୍କ ସମର୍ଥକ ଏବଂ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଆଇନଜୀବି ଉଦୟନାଥ ସାହୁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ସେ ରାଜ୍ୟ ନିର୍ବାଚନ କମିଶନର, ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର, ପୋଲିସ ମହାନିର୍ଦ୍ଦେଶକ, ଯାଜପୁର ଜିଲାପାଳ ଏବଂ ଏସ୍‌ପିଙ୍କୁ ଅବଗତ କରିଛନ୍ତି।

### ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ପାଣିକୋଇଲି,୨୩।୧(ଡି.ଏନ.ଏ.):** କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଏହିଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ନେତାଜୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ତାଙ୍କ ଜୀବନୀକୁ ନେଇ ଆଲୋଚନା କରାଯାଇଥିଲା। ସର୍ବଶ୍ରୀ ଉମାକାନ୍ତ ଖଣ୍ଡାଇ, ଅଦୈତ୍ୟ ଚରଣ ଦାଶ, ବଟକୃଷ୍ଣ ମହାପାତ୍ର, ବଳରାମ ସାହୁ, ଶାନ୍ତନୁ ପଣ୍ଡା, ଅନାମ ମହାପାତ୍ର, ପ୍ରମୋଦ ପଣ୍ଡା, ପ୍ରଫୁଲ୍ଲ ନାୟକ, ନିହାର ରଞ୍ଜନ ସାହୁ, ଗୋପାଳ ଦାଶ, ପ୍ରଫୁଲ୍ଲ କୁମାର ମାଝୀ, ଗଜେନ୍ଦ୍ର ମଲ୍ଲିକ, ନିତ୍ୟାନନ୍ଦ ମହାପାତ୍ର ପ୍ରମୁଖ ନେତାଜୀଙ୍କ ସ୍ମୃତିଚାରଣ କରିବା ସହ ଯୁବପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ।

# ପ୍ରାର୍ଥୀପତ୍ର ଯାଞ୍ଚ ପରେ ବଦଳୁଛି ସମୀକରଣ

**ଯାଜପୁର ଅଫିସ,୨୩।୧**

- ବିଜେଡି ବିଦ୍ରୋହୀ ପ୍ରାର୍ଥୀଙ୍କ ମେଳି
- ଚିନ୍ତାରେ ନେତା, ସମର୍ଥକ

ଦୀର୍ଘବର୍ଷ ହେଲା ହରିଜନ ଓ ଆଦିବାସୀ ମହିଳା, ଖଟିଖିଆ, ଗରିବ, ନିରକ୍ଷର, ଦିନ ମଜୁରିଆଙ୍କ ମୁହଁରେ ବିଜେଡିର ସ୍ୱର ଶୁଭୁଥିଲା। କିନ୍ତୁ ଚଳିତ ପଞ୍ଚାୟତ ନିର୍ବାଚନ ଚୂଡ଼ାନ୍ତ ସଂରକ୍ଷଣ ତାଲିକାରେ ଯାଜପୁର ଜିଲାର ବ୍ଲକ ଅଧ୍ୟକ୍ଷ, ସରପଞ୍ଚ ପଦବୀରେ ଅନୁସୂଚିତ ଜନଜାତି (ଆଦିବାସୀ)ଙ୍କୁ ସ୍ଥାନ ମିଳିନାହିଁ। ଯାହାକି ଜିଲାରେ ଆଦିବାସୀମାନଙ୍କୁ ଆଘାତ ଲାଗିଛି। ଏହା ପଞ୍ଚାୟତ ନିର୍ବାଚନରେ ତାହା ପ୍ରତିଫଳିତ ହେବ ବୋଲି ଆଦିବାସୀମାନେ ପ୍ରକାଶ କରିଛନ୍ତି। ଏହାସହ ପ୍ରାର୍ଥୀପତ୍ର ଯାଞ୍ଚ ପରେ ସମୀକରଣ ବଦଳି ଯାଇଛି। ଅଧିକାଂଶ ନିର୍ବାଚନ ଫଳାଫଳ ସମ୍ପର୍କରେ ଏବେଠୁ କହିବା କଷ୍ଟକର ବୋଲି କହିଛନ୍ତି। ଭୋଟର ୨ରୁ ୩ ଦିନ ପୂର୍ବରୁ କିଛି କହିହେବ ବୋଲି ସେମାନେ ପ୍ରକାଶ କରୁଛନ୍ତି। ତେବେ ଜୟ ପରାଜୟର ବ୍ୟବଧାନ ଖୁବ୍ କମ୍ ରହିବ ବୋଲି ସେମାନେ ମତ ରଖିଛନ୍ତି।

କୃଷି ଓ କୃଷକଙ୍କ ପ୍ରତି ଅନ୍ୟାୟ, ଧାନମଣ୍ଡି ଖୋଲିବାରେ ବିଳମ୍ବ, ଦଲାଲଙ୍କୁ ପରୋକ୍ଷରେ ଅନୁକମ୍ପା, ମିଲମାଲିକଙ୍କୁ ଚାଉଳ ରିସାଇକ୍ଲିଂରେ ସହଯୋଗ, ପାକ୍ସ ସମ୍ପାଦକମାନେ ଚାଷୀଙ୍କୁ ହଇରାଣ କରିବା, ଚାଷୀ ପଞ୍ଜିକରଣରେ ଦୁର୍ନୀତି, ଚାଷୀଙ୍କ ନାମରେ ଅର୍ଥ ଆତ୍ମସାତ୍, ଗ୍ରାମାଞ୍ଚଳରେ ବିପଦଜ୍ଜନକ ରାସ୍ତାଘାଟ, ଉନ୍ନୟନ ଯୋଜନାରେ ଦୁର୍ନୀତି ଆଦିକୁ ନେଇ ଭୋଟରମାନେ ଅସନ୍ତୁଷ୍ଟ ଅଛନ୍ତି। ଏହି ଅସନ୍ତୋଷ ଜିଲାର ତୁଙ୍ଗ ନେତାଙ୍କୁ ଅଡୁଆରେ ପକାଇଛି। ଅଧିକାଂଶ ନେତା ଭିତିରିଆ ଭାବେ ଭାଜପା ଓ କଂଗ୍ରେସକୁ ସମର୍ଥନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଶୁଣିବାକୁ ମିଳୁଛି। ଏହି ସୁଯୋଗରେ ବିଜେଡି ବିଦ୍ରୋହୀଙ୍କ ମେଳି ଜମୁଛି। ଆସନ୍ତା ନିର୍ବାଚନାରେ ସେମାନଙ୍କ ଭୂମିକା ନିର୍ଣ୍ଣାୟକ ହେବ ବୋଲି ମତ ପ୍ରକାଶ ପାଇଛି। ବିଶେଷକରି ବରୀ, ବଡ଼ଚଣା, ସୁକିନ୍ଦା, କୋରେଇ ଅଞ୍ଚଳରେ ସ୍ୱାଧୀନ ପ୍ରାର୍ଥୀଙ୍କ ଭୂମିକାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ଅନ୍ୟପକ୍ଷେ ଯାଜପୁର ଜିଲାର ୭ ବିଧାନସଭା ଆସନକୁ ବିଜେଡି ଅକ୍ତିଆର କରିଛି। ଯାହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ବିଜେଡିର ସାଙ୍ଗଠନିକ ଦକ୍ଷତାକୁ ପ୍ରମାଣିତ କରିଛି। ଏହି ବିଜୟକୁ ଲକ୍ଷ୍ୟ କରି ବିଜେଡି ସମର୍ଥିତ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ତେବେ ସ୍ଥାନୀୟ ନେତାଙ୍କ ଦକ୍ଷତା ଓ କର୍ମଫଳକୁ ନେଇ ଫଳଫଳ ଆସିବ ବୋଲି ମତ ପ୍ରକାଶ ପାଇଛି। ଚଳିତ ନିର୍ବାଚନ ପ୍ରଚାରକୁ କରୋନା କଟକଣା ରୋକିଛି। ଏଥିପାଇଁ ପ୍ରଚାରର ସେତେଟା ଜମିନ ଥିଲେ ହେଁ ନିଜ ବନ୍ଧୁବାନ୍ଧବ, ପାଖଲୋକଙ୍କୁ ଆପଣେଇବା ଆରମ୍ଭ ହୋଇଛି। ତେବେ ଏ ପର୍ଯ୍ୟନ୍ତ ଜିଲାରେ ୩ ପ୍ରମୁଖ ରାଜନୈତିକ ଦଳର ଷ୍ଟାର କ୍ୟାମ୍ପେନର କିମ୍ବା କୌଣସି ହେଭିୱେଟ ନେତାଙ୍କ ପ୍ରଚାର ଦେଖିବାକୁ ମିଳିନାହିଁ। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ତାହା ଜମିବ ବୋଲି ପ୍ରାର୍ଥୀମାନେ କହୁଛନ୍ତି। ବିକାଶ ନାଁରେ ଦୁର୍ନୀତି ଏବଂ କୃଷି ଓ କୃଷକଙ୍କ ପ୍ରତି ଅବହେଳା ବଢ଼ିଥିବାରୁ ଭାଜପା ଓ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ମୁଖ୍ୟ ପ୍ରସଙ୍ଗ କରିବେ ବୋଲି ନିଶ୍ଚିତ ହୋଇଛି। ଅନ୍ୟପକ୍ଷେ ବିଜେଡି ବିକାଶମୂଳକ କାର୍ଯ୍ୟକୁ ପାଥେୟ କରି ଭୋଟରଙ୍କୁ ଆପଣାଇବା ପାଇଁ ଉଦ୍ୟମ ଚଳାଇଛି। ସ୍ଥାନୀୟ ବିଜେଡି ନେତାଙ୍କ ପାଇଁ ଏହି ନିର୍ବାଚନ ଅଗ୍ନି ପରୀକ୍ଷା ସଦୃଶ୍ୟ ହୋଇଛି। ଏହା ସେମିଫାଇନାଲ ବୋଲି ବିଜେଡି ସୁପ୍ରିମୋ ପରୋକ୍ଷରେ ସୂଚାଇ ଦେଇଛନ୍ତି। ନିର୍ବାଚନ ଫଳାଫଳ ବିଜେଡି ନେତାଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି ସୂଚନା ମିଳିଛି। ତେଣୁ ଜିଲାର ସମସ୍ତ ବିଧାୟକ ନିଜ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବାକୁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ବିଶେଷକରି ସୋସିଆଲ ମିଡ଼ିଆରେ ପ୍ରଚାର ଜୋର ଧରିଛି। ଏ ସଂକ୍ରାନ୍ତରେ ଆଦିବାସୀ ନେତା ବାବୁଲି ପୂର୍ତ୍ତି କହିଛନ୍ତି, ଯାଜପୁର ଜିଲାରେ ଆଦିବାସୀମାନଙ୍କୁ ସଂରକ୍ଷଣ ତାଲିକାରୁ ବଞ୍ଚିତ କରିବା ସରକାରୀ ଦଳକୁ କାଳ ହେବ। ଆଦିବାସୀମାନେ ଏହା ଠିକ୍ ଭାବେ ବୁଝି ସାରିଛନ୍ତି। ତେବେ ଆଗାମୀ ଦିନରେ ସଚେତନ ଜିଲାବାସୀ କାହାକୁ ସମର୍ଥନ କରୁଛନ୍ତି ସେଥିନେଇ ସବୁ ଦଳ ଚିନ୍ତାରେ ରହିଛନ୍ତି।

## ରାସ୍ତା ନ ହେଲେ ଭୋଟ୍ ବର୍ଜନ ନିଷ୍ପତ୍ତି



ଭୋଟ ବର୍ଜନ ଲାଗି ଏକାଠି ହୋଇଥିବା ୱାର୍ଡବାସୀ।

**ବରୀ,୨୩।୧(ଡି.ଏନ.ଏ.)**

ଦେଶ ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ନିର୍ବାଚନ ସମୟରେ ନେତାମାନେ ବିଭିନ୍ନ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ପରବର୍ତ୍ତୀ ସମୟରେ ତାହାକୁ ପୂରଣ କରୁନାହାନ୍ତି। ତେଣୁ ଏଥର ଦାବି ପୂରଣ ନ ହେଲେ ଲୋକେ ଭୋଟ୍ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ବରୀ ବ୍ଲକ ଅଧୀନ ବରୀ ପଞ୍ଚାୟତର ୧୧ ନଂ. ୱାର୍ଡରେ। ଏଠାରେ ଥିବା ଦଳିତ ବସ୍ତିରେ ୭୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ଭୋଟର ସଂଖ୍ୟା ୩୨୭ ରହିଛି। ବିଗତ ନିର୍ବାଚନ ସମୟରେ ବହୁ ରାଜନେତା ଏହି ବସ୍ତିକୁ ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଅଦ୍ୟାବଧି ପୂରଣ ହୋଇପାରି ନାହିଁ। ତେଣୁ ଆଉ ଲୋକ ପ୍ରତିନିଧିଙ୍କ ଉପରେ ଭରସା ନାହିଁ। ସେମାନଙ୍କ ପ୍ରତିଶ୍ରୁତି ପାଣିର ଗାର। ଏବେ ରାସ୍ତା ନିର୍ମାଣ ନିମନ୍ତେ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ଭୋଟ୍ ବର୍ଜନ କରିବେ ବୋଲି ବସ୍ତିର ରଘୁନାଥ ବେହେରା, ନନ୍ଦକିଶୋର ବେହେରା, ସୁବାସ ବେହେରା ଓ ଦଶରଥ ବେହେରା ପ୍ରମୁଖ ମହିଳା ପୁରୁଷ ମିଳିତ ଭାବେ ନିଷ୍ପତ୍ତି ନେଇଥିବା ଗଣମାଧ୍ୟମ ଆମରେ ପ୍ରକାଶ କରିଛନ୍ତି। ଫଳରେ ଏହାକୁ ନେଇ ନେତାଙ୍କ ଚିନ୍ତା ବଢ଼ିଛି।

## ୩୦ ୱାର୍ଡ ସଭ୍ୟ ପ୍ରାର୍ଥୀପତ୍ର ନାକଚ

**ଧର୍ମଶାଳା,୨୩।୧(ଡି.ଏନ.ଏ.)**

**ସମସ୍ତ ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀପତ୍ର କାଏମ**

ଧର୍ମଶାଳା ବ୍ଲକ ଓ ୪୫ ପଞ୍ଚାୟତ କାର୍ଯ୍ୟାଳୟରେ ୧୬୪ ସମିତିସଭ୍ୟ, ୨୦୬ ସରପଞ୍ଚ ଓ ୧୦୧୩ଜଣ ୱାର୍ଡ ସଭ୍ୟ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ତେବେ ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଥିବା ବେଳେ ୩୦ ଜଣ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇଥିବା ବିଡିଓ ତଥା ନିର୍ବାଚନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି। ସମିତିସଭ୍ୟ ପଦ ପାଇଁ ଅରେଇକଣା ଓ ମିର୍ଜାପୁର ପଞ୍ଚାୟତରେ ସର୍ବାଧିକ ୭ ଜଣ ଲେଖାଏ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ଆରୁହା, ଚହଟା, ଏଣ୍ଡଲବା, ହରିଦାସପୁର, ଜାରକା, ମଧୁପୁରଗଡ଼, ମହିଶରା, ପୁରୁଣା ବଉଳମାଳ, ରଇଛନ୍ଦା ଓ ଉତ୍ତରପ୍ରତାପ ପଞ୍ଚାୟତରେ ସର୍ବ ନିମ୍ନ ୨ ଜଣ ଲେଖାଏ ସମିତିସଭ୍ୟ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସରପଞ୍ଚ ପଦବୀ ଲାଗି ଅରେଇକଣା ପଞ୍ଚାୟତରୁ ସର୍ବାଧିକ ୧୧ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ଆରୁହା ପଞ୍ଚାୟତରୁ ଜଣେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ୱାର୍ଡ ସଭ୍ୟପଦ ପାଇଁ ଉତ୍ତରପ୍ରତାପ ପଞ୍ଚାୟତରେ ସର୍ବାଧିକ ୪୬ଜଣ ନାମାଙ୍କପତ୍ର ଦାଖଲ କରିଥିବା ବେଳେ ଚକ୍ରଧରପୁର ପଞ୍ଚାୟତରୁ ସର୍ବନିମ୍ନ ୧୦ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୨୫ ତାରିଖରେ ନାମାଙ୍କପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

## ବ୍ୟାସନଗର କଲେଜରେ ନେତାଜୀ ଜୟନ୍ତୀ



ସୁଭାଷ ବୋଷ ଜୟନ୍ତୀରେ ସାମିଲ ହୋଇଥିବା ଅତିଥି ଓ ଏନ୍‌ସିସି ଛାତ୍ରୀଛାତ୍ର।

**ଯାଜପୁର ରୋଡ଼, ୨୩।୧(ଡି.ଏନ.ଏ.)**

ସ୍ଥାନୀୟ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. କୁଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଧ୍ୟାପକ ସନାତନ ଦାସ, ନରେନ୍ଦ୍ର ପ୍ରସାଦ ବେହେରା, ରତ୍ନାକର ସ୍ୱାଇଁ, ବୈଜୟନ୍ତୀମାଳା ବଳ, ସ୍ମୃତି ରଞ୍ଜନ ରାଉତ, ତନ୍ମୟ କୁମାର ପୃଷ୍ଟି, ଡ଼ଲି ମୁଖି, ବାବୁଲି ମୁଖି, ଜଳଧର ଖିଲାର ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ଚିରସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପଥରପଦା ନେତାଜୀ କ୍ଲବ ବାର୍ଷିକୋତ୍ସବ

**ପାଣିକୋଇଲି,୨୩।୧(ଡି.ଏନ.ଏ.)**

ପଥରପଦା ନେତାଜୀ ଯୁବକ ସଂଘ ଆନୁକୂଲ୍ୟରେ ନେତାଜୀ ଜୟନ୍ତୀ ଓ ନେତାଜୀ କ୍ଲବ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସକାଳୁ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ ସହ କ୍ଲବର ପତାକା ଉତ୍ତୋଳନ କରାଯାଇ ନେତାଜୀ ଜ୍ୟୋତିରେ ଅଗ୍ନି ସଂଯୋଗ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରା ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସମ୍ମାନିତ ଅତିଥିଭାବେ କ୍ଲବ ଉପଦେଷ୍ଟା ସନ୍ତୋଷ ବେହେରା, ମଦନ ମୋହନ ବେହେରା, ମଧୁସୂଦନ ସାହୁ, ଖବରଦାତା ସୁବାସ ଧଳ, ସ୍ୱପ୍ନାନନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବ ପକ୍ଷରୁ ଅଶୋକ ବେହେରା, ମାନସ ସାହୁ, ପର୍ଶୁରାମ ବେହେରା, ସୌମ୍ୟ ରଞ୍ଜନ ସାହୁ, ଜିତେନ୍ଦ୍ର ବେହେରା, ପ୍ରଶାନ୍ତ ଦାସ ଓ ଶରତ ଚନ୍ଦ୍ର ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏକଦିବସୀୟ ଫୁଟବଲ: ଡିଫା ଜୁନିୟର ଟିମ୍ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳି।

**ଧର୍ମଶାଳା,୨୩।୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ମଜାର ପଡ଼ିଆରେ ଏକଦିବସୀୟ ଫୁଟବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା ଡିଫା ଜୁନିୟର ଟିମ୍ ଚାମ୍ପିୟନ ହୋଇଛି। ଚାନ୍ଦ କ୍ଲବ ଚୋରମୁହାଁ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୮ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଡିଫା ଜୁନିୟର ଟିମ୍ ଆୟୋଜକ ଚାନ୍ଦ କ୍ଲବକୁ ୧/୦ ଗୋଲରେ ପରାସ୍ତ କରିଥିଲା। ସେକ୍ ସଲିମ୍ ଓ ୟୁନୁସ ଖାଁ ଖେଳପରିଚାଳନା କରିଥିବା ବେଳେ ସେକ୍ ଜୁମା ଓ ସେକ୍ ତଫିକ ଲାଇନରେ ସାହାଯତା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ାବିତ ପ୍ରମୋଦ କୁମାର ଲାଲା, ପ୍ରବୋଧ କୁମାର ପାତ୍ର ଓ ଯୁବସଂଗଠକ ସେକ ସନାଉଲ୍ଲା ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ୍ ସଭାପତି ସେକ୍ ଅନ୍ନା, ଗୁଫରାନ, ଦେବେନ୍ଦ୍ର, ହିତେଶ, ମାନସ, ପପୁନୁ, ରାଜା ଓ ସେକ୍ ମୁଜାଫର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।

### ଚୋରି ହାଇୱା ଜବତ, ଅଭିଯୁକ୍ତ ଗିରଫ

**ଧର୍ମଶାଳା/ଜେନାପୁର,୨୩।୧(ଡି.ଏନ.ଏ.)**

ଜେନାପୁର ଥାନା ଚଢ଼େଇଧରାସ୍ଥିତ ଏକ କ୍ରଶରରୁ ଚୋରି ହୋଇଥିବା ହାଇୱାକୁ ପୋଲିସ ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଉକ୍ତ ଥାନା ରାମଚନ୍ଦ୍ରପୁର ଗ୍ରାମର ରାମଚନ୍ଦ୍ର ଦଳେଇ(୫୦)। ତାଙ୍କୁ ରବିବାର ଚଣ୍ଡିଖୋଲ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ଚଢ଼େଇଧରାସ୍ଥିତ କ୍ରଶରରେ କୁନୁ ପ୍ରଧାନଙ୍କ ହାଇୱା ନଂ.(ଓଡି-୦୪-ପି -୪୭୪୮) ଗତ ୧୮ ତାରିଖ ରାତିରେ ଥିବାବେଳେ କେହି ଚୋରି କରି ନେଇଥିଲେ। ଏସମ୍ପର୍କରେ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୦୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତବେଳେ ପୂର୍ବରୁ ଏହି ହାଇୱା ଚଳାଉଥିବା ରାମଚନ୍ଦ୍ରଙ୍କ ଉପରେ ପୋଲିସର ସନ୍ଦେହ ହୋଇଥିଲା। ପୋଲିସ ତାଙ୍କୁ ଥାନାକୁ ଡକାଇ ପଚରା ଉଚରା କରିବା ପରେ ସେ ହିଁ ଗାଡି ଚୋରି କରିଥିବା ସ୍ୱୀକାର କରିଥିଲେ। ଗାଡ଼ିଟି ବୌଦ୍ଧ ଜିଲାର ପୁରୁଣାକଟକ ଥାନା ଅଞ୍ଚଳରେ ଥିବା ପୋଲିସ ଜାଣିବା ପରେ ଶନିବାର ରାତିରେ ସେଠାରୁ ତାହାକୁ ଜବତ କରିଥିଲା।

### ୮୪ ୟୁନିଟ୍ ରକ୍ତ ସଂଗ୍ରହ

**ଚଣ୍ଡିଖୋଲ,୨୩।୧(ଡି.ଏନ.ଏ.)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ହିଁ, ଧର୍ମ ପକ୍ଷରୁ ଏକ ରକ୍ତଦାନ ଶିବିର ରବିବାର ଶକୁନ୍ତଳାପୁରସ୍ଥିତ ଜାହ୍ନଗିରି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡା. ରଶ୍ମିରଞ୍ଜନ ପଶାୟତ, ଡା. ଶିବାଶିଷ ମହାରଣା, ପ୍ରଧାନଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ଦାସ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନ କର୍ମକର୍ତ୍ତାଙ୍କ ସହ ସ୍ୱେଚ୍ଛାସେବୀ ସାମିଲ ହୋଇ ରକ୍ତଦାନ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ମାୟାଧର ଖଣ୍ଡାଇ, ପୂର୍ବତନ ଶିକ୍ଷକ ଦୁଃଶାସନ ସ୍ୱାଇଁଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଅନୁଷ୍ଠାନ କର୍ମକର୍ତ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଯାଜପୁର ଜିଲା ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

### ନେତାଜୀ ଜୟନ୍ତୀ ପାଳିତ

**ବରୀ,୨୩।୧(ଡି.ଏନ.ଏ.)**

ସେବା ନିବୃତ୍ତ କର୍ମଚାରୀଙ୍କ ପକ୍ଷରୁ ରବିବାର ବରୀ ବ୍ଲକ୍ ଅଧୀନ ଅଭିମନ୍ୟୁ ବାଲିଆଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍ସବରେ ପୂର୍ବତନ ଶିକ୍ଷକ ଗୋବନ୍ଧୁ ଦାସ ସଭାପତିତ୍ୱ କରି ନେତାଜୀଙ୍କ ନୀତି ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ମକର ଚନ୍ଦ୍ର ଘଡ଼ାଇ, କପିଳ ଚରଣ ସାମଲ, ବଳରାମ ପଣ୍ଡା, ନଟବର ଜେନା ଓ ଅନନ୍ତ ଚରଣ ମଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

### ଧର୍ମଶାଳା ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ

**ଧର୍ମଶାଳା,୨୩।୧(ଡି.ଏନ.ଏ.)**

ଧର୍ମଶାଳା ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ ଓ ପ୍ରତିଷ୍ଠାତା ସଭାପତି ନରହରି ମହାନ୍ତିଙ୍କ ୧୩ତମ ପୁଣ୍ୟତିଥି ରବିବାର ଜାରକାସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଉତ୍ସବକୁ ନିରାଡ଼ମ୍ବର ଭାବେ ପାଳନ କରାଯାଇଛି। ପ୍ରେସ୍ କ୍ଲବ୍ ଉପଦେଷ୍ଟା ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସଂଗଠନ ସମ୍ପାଦକ ଅବିନେଶ୍ୱର ଶତପଥୀ ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ମାନସ ରଞ୍ଜନ ଜେନା ଓ ସଭ୍ୟ ଅଖିଳ କୁମାର ସ୍ୱାଇଁ ସ୍ୱର୍ଗତ ମହାନ୍ତିଙ୍କ ସାମ୍ବାଦିକତା ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଗୁଲାମ ଗସ, ସହସମ୍ପାଦକ ସୀତାକାନ୍ତ ସାମଲ, ବରିଷ୍ଠ ସଭ୍ୟ କପିଳେନ୍ଦ୍ର ରାଉତ, ସବ୍ୟସାଚୀ ବେହେରା, ବିବେକାନନ୍ଦ ରାୟ, ଅକ୍ଷୟ କୁମାର ରାଉତ, ଅନୀଲ ନାୟକ, ବିନୋଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପ୍ରେସ୍ କ୍ଲବ ପରିସରରେ ଥିବା ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ କ୍ଲବ ପକ୍ଷରୁ ଛତିଆସ୍ଥିତ ସେବକ ଜରାଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

## ନିଆରା ଢଙ୍ଗରେ ଭୋଟ୍ ପ୍ରଚାର

**ଯାଜପୁର ଟାଉନ,୨୩।୧(ଡି.ଏନ.ଏ.)**

ଯାଜପୁର ବ୍ଲକ ଅଞ୍ଚଳର ପ୍ରତ୍ୟେକ ପଞ୍ଚାୟତରେ ପ୍ରଚାର ଆରମ୍ଭ ହୋଇଛି। ଏବେ ପ୍ରାର୍ଥୀପ୍ରାର୍ଥିନୀ ଘରଘର ବୁଲି ଭୋଟରଙ୍କୁ ଭୋଟ ଭିକ୍ଷା କରୁଛନ୍ତି। ତେବେ ବ୍ଲକ ଅଧୀନ ଏରବାଙ୍ଗ ପଞ୍ଚାୟତରେ ନିଆରା ଢଙ୍ଗର ପ୍ରଚାର ଦେଖିବାକୁ ମିଳିଛି। ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ରେଖା ମଲ୍ଲିକ ଓ ସମିତିସଭ୍ୟା ପ୍ରାର୍ଥିନୀ ସସ୍ମିତା ସେଠୀ ଘରଘର ବୁଲି ଲୋକଙ୍କୁ ଭୋଟ୍ ଭିକ୍ଷା କରୁଛନ୍ତି। ସେମାନେ ଗୁରୁଜନମାନଙ୍କ ପାଦ ଛୁଇଁ ଆଶୀର୍ବାଦ ନେଉଛନ୍ତି। ଏଥିସହିତ ପଞ୍ଚାୟତରେ ଥିବା ସମସ୍ୟା ସମାଧାନ କରିବାକୁ ଲୋକଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି। ଏହି ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟ ପଛାଇଥିବାରୁ ଉଭୟ ନିର୍ବାଚିତ ହେଲେ ତାହାକୁ ପୂରଣ କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ସରପଞ୍ଚ ପ୍ରାର୍ଥିନୀ ରେଖା ଓ ସମିତିସଭ୍ୟ ପ୍ରାର୍ଥିନୀ ସସ୍ମିତାଙ୍କୁ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି ଭବପ୍ରସାଦ ଦାସଙ୍କ ଉପସ୍ଥିତିରେ ବିଜେଡିସମର୍ଥିତ ପ୍ରାର୍ଥିନୀ ଭାବେ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ। ସେହିପରି ପଞ୍ଚାୟତର ଅନ୍ୟ ପ୍ରାର୍ଥୀମାନେ ମଧ୍ୟ ପ୍ରଚାରକୁ ଜୋରଦାର କରିଥିବା ଦେଖାଯାଇଛି।


ଦୁଇ ପ୍ରାର୍ଥିନୀ ଜଣେ ଭୋଟରଙ୍କ ପାଦ ଛୁଇଁ ଆଶୀର୍ବାଦ ନେଉଛନ୍ତି।

## ବେଆଇନ ବାଲି ଡିପୋ ବନ୍ଦ କଲେ ବସ୍ତିବାସିନ୍ଦା

**କାଳିଆପାଣି,୨୩।୧(ଡି.ଏନ.ଏ.)**

କାଳିଆପାଣି ଖଣି ଅଞ୍ଚଳରେ ଭୂତଳ ଖଣି ପାଇଁ ବ୍ୟାପକ ବାଲି ଦରକାର ହେଉଛି। ତେଣୁ ବାଲି ସପ୍ଲାୟର ଜଙ୍ଗଲ ଜମି, ଖେଳପଡ଼ିଆ ଓ ରାସ୍ତାକଡ଼ରେ ବେଆଇନ ଭାବେ ବାଲି ଡିପୋ କରୁଛନ୍ତି। ସେହିପରି ମାଙ୍କେଡ଼ିଆ ବସ୍ତି ନିକଟରେ ଥିବା ଏକ ଖେଳ ପଡ଼ିଆକୁ ଜବରଦଖଲ କରି ବାଲି ଆଣି ଡିପୋ କରାଯାଇଛି। ଫଳରେ ଏହାକୁ ନେଇ ମାଙ୍କେଡ଼ିଆ ବସ୍ତି ଲୋକେ ଥାନା ଓ ରାଜସ୍ୱ ବିଭାଗ ଦ୍ୱାରସ୍ଥ ହୋଇଥିଲେ। ହେଲେ କେହି ଏହାକୁ କର୍ଣ୍ଣପାତ କରି ନ ଥିଲା। ତେଣୁ ରବିବାର ମାଙ୍କେଡ଼ିଆ ବସ୍ତିର ଶତାଧିକ ମହିଳାପୁରୁଷ ହାଇୱାରେ ଆସିଥିବା ବାଲିକୁ ପଡ଼ିଆରେ ଖାଲି କରିବାକୁ ଦେଇ ନ ଥିଲେ। ଫଳରେ ଏହାକୁ ନେଇ ସେଠାରେ କିଛି ସମୟ ଲାଗି ଉତ୍ତେଜନା ଦେଖା ଦେଇଥିଲା। ବାଲି ଆଣିଥିବା ଗାଡ଼ିଗୁଡିକ ସେଠାରୁ ଫେରିଯିବା ପରେ ଉତ୍ତେଜନା ଶାନ୍ତ ପଡ଼ିଥିଲା।


ବାଲି ବୋଝେଇ ହାଇୱା ଖାଲି କରିବାକୁ ଲୋକେ ବିରୋଧ କରୁଛନ୍ତି।

ସୂଚନା ଥାଉକି, ବିଭିନ୍ନ ଖଣି କାର୍ଯ୍ୟ ପାଇଁ ଦୈନିକ ଶତାଧିକ ଟ୍ରକ୍ ବାଲି, ମେଟାଲ ଓ ଚିପ୍ସ ଖଣି ଅଞ୍ଚଳକୁ ବିନା କାଗଜପତ୍ରରେ ଅଣାଯାଉଛି। ହେଲେ ଏହାକୁ ସ୍ଥାନୀୟ ପ୍ରଶାସନ ନୀରବ ଭାବେ ସମର୍ଥନ କରୁଥିବା ଅଭିଯୋଗ ହେଉଛି। ହାଇୱାରେ ବାଲି, ମେଟାଲ, ଚିପ୍ସ ବୋଝେଇ ହୋଇ ଆସୁଥିବାରୁ ଗାଁ ରାସ୍ତା ଓ ଟମକା ମଙ୍ଗଳପୁର ମୁଖ୍ୟ ରାସ୍ତା ନଷ୍ଟ ହେବାରେ ଲାଗିଛି। ସ୍ଥାନୀୟ ପ୍ରଶାସନକୁ ଏହି ମାଫିଆମାନେ ହାତରେ ରଖିଥିବା କହି ଜନସାଧାରଣଙ୍କ ମନରେ ଭୟ ସୃଷ୍ଟି କରୁଥିବା ଶୁଣିବାକୁ ମିଳୁଛି। ଢେଙ୍କାନାଳ ଜିଲା ଭୁବନ ବ୍ରାହ୍ମଣୀ ନଦୀରୁ ଦିନକୁ ୩ ଟ୍ରିପ୍ ବାଲି ହାଇୱାରେ ଆସୁଥିବା ବେଳେ ଗୋଟିଏ ଟ୍ରିପ୍‌ର ରୟାଲଟି କାଟି ଦୁଇ ଟ୍ରିପ୍ ରୟାଲଟି ଅର୍ଥକୁ ଫାଙ୍କି ଦେଉଥିବା ଶୁଣିବାକୁ ମିଳୁଛି। ଟ୍ରକ୍ ମୁଖ୍ୟରାସ୍ତା ଭୁବନଠାରୁ ଭାୟା ମଙ୍ଗଳପୁର ଖଣି ଅଞ୍ଚଳକୁ ଆସିବା ନିୟମ ଥିବାବେଳେ ଓଭର ଲୋଡ୍‌ଟ୍ରକ ଗ୍ରାମାଞ୍ଚଳ ରାସ୍ତାରେ ଯାତାୟାତ କରୁଛି। ଏଥିଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ଧରି ଏହି କାର୍ଯ୍ୟ ଚାଲୁ ରହିଥିବା ବେଳେ ଆରଟିଓ କିମ୍ବା ସୁକିନ୍ଦା ତହସିଲଦାର ଏହାକୁ ରୋକିବାରେ ଅସମର୍ଥ ହେଉଥିବାରୁ ଅସନ୍ତୋଷ ଦେଖାଦେଉଛି।

**ପ୍ରଶାସନ ଶୁଣିଲାନି**

ଏନେଇ ତହସିଲଦାର କାବେରି ମୁଦୁଲି କହିଛନ୍ତି, ବେଆଇନ ବାଲି ଡିପୋ ନେଇ ତାଙ୍କ ନିକଟରେ ଖବର ରହିଛି। ସେ ଘଟଣାସ୍ଥଳକୁ ଯାଇ ବାଲି ଡିପୋ ନ କରିବାକୁ ଚେତାବନୀ ଦେଇଥିଲେ। ଯଦି ସପ୍ଲାୟର ଅମାନିଆ ହୋଇ ଡିପୋ କରିଛନ୍ତି ତେବେ ସେ ତାହାକୁ ଜବତ କରିବେ ବୋଲି ପ୍ରକାଶ କରିଛନ୍ତି। କଙ୍କଡ଼ପାଳ ଆର୍‌ଆଇ ଦିଲୀପ ଚାତାର କୁହନ୍ତି, ସମ୍ପୃକ୍ତ ସପ୍ଲାୟରଙ୍କୁ ନୋଟିସ କରିଛୁ। ଯଦି ସେ ଆଉ ବାଲି ଡିପୋ କରନ୍ତି ତାହାକୁ ଜବତ କରାଯିବ।

## ସଂକ୍ଷେପରେ

### ଟ୍ରାକ୍ଟର, କମ୍ପ୍ରେସର ଜବତ

**ଟିକିଟି,୨୩।୧(ଡି.ଏନ.ଏ.):** ଟିକିଟି ବ୍ଲକ ଅନ୍ତର୍ଗତ କୋଲଥିଆ ଗ୍ରାମ ନିକଟରେ ରବିବାର ଟିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ଏକ ଡ୍ରିଲ୍‌ରେ ନିୟୋଜିତ ଥିବା ଟ୍ରାକ୍ଟର ଓ କମ୍ପ୍ରେସରକୁ ଜବତ କରିଛନ୍ତି। ଟିକିଟି ଅଞ୍ଚଳରେ ଦୀର୍ଘଦିନ ହେଲା ବିଭିନ୍ନ ଖାଦାନରେ ବେଆଇନ୍ ଭାବେ କମ୍ପ୍ରେସର ବ୍ୟବହାର ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ରବିବାର କୋଲଥିଆ ଗ୍ରାମ ନିକଟସ୍ଥ ପୂର୍ତ୍ତ ବିଭାଗ ପାର୍ଶ୍ୱରେ ବେଆଇନ୍ ଭାବେ କମ୍ପ୍ରେସର ବ୍ୟବହାର ହେଉଥିବା ନେଇ ଖବର ପାଇ ଟିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ଘଟଣାସ୍ଥଳରେ ପହଞ୍ଚି ଡ୍ରିଲ୍‌ରେ ନିୟୋଜିତ ଥିବା ଟ୍ରାକ୍ଟର ସହ କମ୍ପ୍ରେସରକୁ ଜବତ କରିଥିଲେ।

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

**ଦିଗପହଣ୍ଡି,୨୩।୧(ଡି.ଏନ.ଏ.):** ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟ ରାସ୍ତାରେ ଥିବା ଅଙ୍ଗନପୁର ପ୍ରାଥମିକ ବିଦ୍ୟାଳୟ ନିକଟରେ ରବିବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ଜଣ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦିଗପହଣ୍ଡି ମୋଚି ସାହିର ଏନ୍.ରାଜେସ୍ ହୋଇଥିବା ବେଳେ ଅନ୍ୟଜଣ ବ୍ରହ୍ମପୁର ଗେଟ୍‌ବଜାର ରମ୍ଭାସାହିର ଶିବରାମ ପାତ୍ର ବୋଲି ଜଣାପଡିଛି। ଖବର ପାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରମାନଙ୍କୁ ଉଦ୍ଧାରକରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏନ୍.ରାଜେସ୍ ବାଇକ୍ ଯୋଗେ କୌଣସି ଏକ କାମରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ବିପରିତ ଦିଗରୁ ଶିବରାମ ପାତ୍ରଙ୍କ ବାଇକ୍ ସହ ମୁହାଁମୁହାଁ ଧକ୍କା ଦେଇଥିଲା।

### ସ୍ମାର୍ଟ ସ୍କୁଲର କୋଠା ନିର୍ମାଣ ପାଇଁ ଭୂମିପୂଜନ



**ପାରଳାଖେମୁଣ୍ଡି,୨୩।୧(ଡି.ଏନ୍.ଏ.):** ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ସ୍ମାର୍ଟ ସ୍କୁଲର ନିଜସ୍ୱ କୋଠା ନିର୍ମାଣ ପାଇଁ ରବିବାର ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପରିଚାଳନା କର୍ତ୍ତୃପକ୍ଷ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ବରିଷ୍ଠ ନାଗରିକ ଓ ଖବରଦାତାମାନେ ଯୋଗ ଦେଇଥିଲେ।

### ମନ ମୋହିଲା ମହିଳାଙ୍କ କଳସ ରେସ୍, ଝୋଟି

**ଗୁଣପୁର, ୨୩।୧(ଡି. ଏନ୍. ଏ.):** ଦଶମ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଅବସରରେ ରବିବାର ଦ୍ରୁତ ସାଇକେଲ୍ ରେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପୁରୁଣା ବସ୍‌ଷ୍ଟାଣ୍ଡରୁ ପ୍ରତିଯୋଗୀମାନେ ବାହାରି ରେଗେଡା ଯାଇ ପୁଣି ଗୁଣପୁର କଲେଜ ନିକଟକୁ ଫେରିଥିଲେ। ପୋଲିସ ସୁରକ୍ଷା ମଧ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ଅତି ଆକର୍ଷଣୀୟ ଥିଲା। ଏହି ପ୍ରତିଯୋଗିତାକୁ ଗୁଣପୁର କ୍ରୀଡା ପରିଷଦ ସଭାପତି ଦେବ ପ୍ରସାଦ ପାଢ଼ୀ ଉଦ୍‌ଘାଟନ କରିଥିଲେ। ଏହାପରେ ସରସ୍ୱତୀ ଶିଶୁମନ୍ଦିର ପରିସରରେ ମହିଳାମାନଙ୍କ ମଧ୍ୟରେ ସୃଜନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୫୦ ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳସ ଚାଲି, ଝୋଟି ପ୍ରତିଯୋଗିତା କରାଯାଇଥିଲା। ଏହାକୁ ଅମ୍ବିକାରାଣୀ ମହାପାତ୍ର, ନମିତା ରଥ, ସି.ଏଚ୍. ଭାନୁମତି, ନନ୍ଦିନୀ ପଣ୍ଡା, ଏଲ୍.ଟି. ସସ୍ମିତା ବାଉରୀ ପ୍ରମୁଖ ପରିଚାଳନା କରିଥିଲେ।

### ଉପବୀତ ଧାରଣ କଲେ ଆନ୍ଧ୍ର ଓଡ଼ିଶାର ନୂତନ ବ୍ରହ୍ମଚାରୀ

**ଗୁଣପୁର,୨୩।୧(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଗୁଣପୁର ଅଦ୍ୱୈତ ବେଦାନ୍ତ ଆଶ୍ରମରେ ଗରିବ ବ୍ରାହ୍ମଣ ପିଲାଙ୍କୁ ନେଇ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶନିବାର ଚାରିକର୍ମ ଏବଂ ରବିବାର ବ୍ରତ ତଥା ସଂସ୍କାର ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଶ୍ରମର ମୁଖ୍ୟ ସ୍ୱାମୀ ବିଦ୍ୟାନନ୍ଦ ସାଗର ମହାରାଜ ଏବଂ ପୂଜ୍ୟ ନଳିନୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସହରର ମାନ୍ୟଗଣ୍ୟ ପୂଜକ, ସେବକମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଆନ୍ଧ୍ର ଏବଂ ଗୁଣପୁର ଆଖପାଖ ଅଞ୍ଚଳର ୧୧ ଜଣ ପିଲାଙ୍କୁ ନେଇ ବ୍ରତ କାର୍ଯ୍ୟ କରାଯାଇଥିଲା।

# ମୁକୁଳା ପଡ଼ିଛି ରଷିକୁଲ୍ୟା ନଦୀବନ୍ଧ

**ଛତ୍ରପୁର,୨୩।୧(ଡି.ଏନ୍.ଏ.)**

**ଲଘୁଚାପ ବର୍ଷାରେ ବି ନଦୀକୂଳିଆ ଲୋକଙ୍କୁ ଭୟ**

ମୁକୁଳା ପଡିଛି ରଷିକୁଲ୍ୟା ନଦୀବନ୍ଧ। ଯେଉଁଥିପାଇଁ କେବଳ ବର୍ଷାଦିନେ ନୁହେଁ ସାଧାରଣ ଲଘୁଚାପ ବର୍ଷାରେ ବି ନଦୀକୂଳିଆ ଲୋକେ ବନ୍ୟା ଭୟ ମଧ୍ୟରେ ଜୀବନ କାଟୁଛନ୍ତି। ବର୍ଷ ବର୍ଷ ଧରି ନଦୀବନ୍ଧରେ ପଥର ବାଡ଼ ନ କରାଯିବା ହେତୁ ଏବେ ତାହା ବିପଦସଙ୍କୁଳ ଅବସ୍ଥାରେ ରହିଛି। ପ୍ରତ୍ୟେକ ବର୍ଷ ଗଞ୍ଜାମ ଜିଲାର ଛତ୍ରପୁର, ଗଞ୍ଜାମ ଏବଂ ପୁରୁଷୋତ୍ତମପୁର ଅଞ୍ଚଳର ଅନେକ ଗାଁରେ ପାଣି ପଶି ବହୁ ଧନ ଜୀବନ କ୍ଷତି ହେଉଛି। ହଜାର ହଜାର ହେକ୍ଟର ଚାଷ ଜମିରେ ବନ୍ୟାଜଳ ପ୍ରବେଶ କରୁଛି।

ଖରିଫ ଧାନ ଫସଲ ଅମଳ ପୂର୍ବରୁ ଦୁଇଟି ଲଘୁଚାପ ଚାଷୀଙ୍କର ବ୍ୟାପକ କ୍ଷତି କରିଥିଲା। ଏବେ ପୁଣି



ମୁକୁଳା ନଦୀବନ୍ଧ।

ଲଘୁଚାପଜନିତ ବର୍ଷା ଚାଷୀଙ୍କ ଭୟକୁ ଦ୍ୱିଗୁଣିତ କରିଛି। ନଦୀରେ ପ୍ରବଳ ପାଣି ଆସିଲେ ଘାଇ ଭାଙ୍ଗି ବିଲରେ ପଶିବା ସହ ପଟୁ ବାଲି ବିଲରେ ମାଡିଯାଉଛି। ସେହି ବାଲି ବିଲରେ ଚାଷ ଦୂରର କଥା ଦୁବ କି ଘାଷ ବି କଅଁଳେ ନାହିଁ। ତେଣୁ ଯଥାଶୀଘ୍ର ନଦୀ କୁଳରେ ପଥର ପ୍ୟାକିଂ କରିବାକୁ ଜନସାଧାରଣ ଦାବି କରିଛନ୍ତି। ସ୍ଥାୟୀ କାମ ନ କରି ପ୍ରତିବର୍ଷ ନାମକୁ ମାତ୍ର ନଦୀବନ୍ଧରେ ବାଲି ବସ୍ତା ରଖି ଲକ୍ଷ ଲକ୍ଷ ଟଙ୍କା କାହା ସ୍ୱାର୍ଥରେ ସରକାରୀ ଟଙ୍କା ଖର୍ଚ୍ଚ ହେଉଛି ବୋଲି ପ୍ରଶ୍ନ ଉଠୁଛି। ଅନ୍ୟପଟେ ରଷିକୁଲ୍ୟା ପଠାରୁ ମାଫିଆମାନେ ବେଆଇନ ଭାବେ ବାଲି ଓ ମାଟି ତାଡି ନେଉଥିବା ହେତୁ ବିପଦ ବଢ଼ିବାରେ ଲାଗିଛି। ୧୯୯୦ ମସିହାଠାରୁ ଏ ପର୍ଯ୍ୟନ୍ତ ନଦୀକୂଳିଆ ଲୋକେ ୧୨ଟି ବନ୍ୟା ବିଭୀଷିକାକୁ ସାମ୍ନା କଲେଣି। ତଥାପି ନା ସରକାର ନା ପ୍ରଶାସନ କେହି ଗୁହାରୀ ଶୁଣିଲେ ନାହିଁ। ଯେବେ ନଦୀରେ ବନ୍ୟାପାଣି ଆସେ ସେବେ ନିଜ ଗାଁକୁ ରକ୍ଷା ପାଇଁ ନିଜସ୍ୱ ଉଦ୍ୟମରେ ଗ୍ରାମବାସୀ ବାଲିବସ୍ତା କରି ବନ୍ଧ ବାନ୍ଧିଥାନ୍ତି। ତେଣୁ ନଦୀବନ୍ଧର ସ୍ଥାୟୀ ମରାମତି କରିବାକୁ ସାଧାରଣରେ ଦାବି ଜୋର ଧରିଛି।

# ଗଞ୍ଜାମ ଜିଲାରେ ୨୮୨ ପ୍ରାର୍ଥିପତ୍ର ନାକଚ

**ଛତ୍ରପୁର,୨୩।୧(ଡି.ଏନ୍.ଏ.)**

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଦାଖଲ ହୋଇଥିବା ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ସରିଛି। ଯାଞ୍ଚ ପରେ ଗଞ୍ଜାମ ଜିଲାରେ ୨୮୨ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଛି। ସେଥିମଧ୍ୟରେ ୯ ଜିଲା ପରିଷଦ ସଭ୍ୟ, ୨୯ ସମିତିସଭ୍ୟ, ୫୫ ସରପଞ୍ଚ ଓ ୧୮୯ ୱାର୍ଡମେମ୍ବର ପ୍ରାର୍ଥିପତ୍ର ରହିଛି। ଯାଞ୍ଚ ପରେ ଜିଲାରେ ମୋଟ ୧୫,୬୧୦ ପ୍ରାର୍ଥିପତ୍ର କାଏମ ରହିଥିବା ସୂଚନା ଦିଆଯାଇଛି। ସେଥିମଧ୍ୟରେ ଜିଲାପରିଷଦ ସଭ୍ୟ ପାଇଁ ୨୭୬ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଥିବାବେଳେ ସମିତିସଭ୍ୟ ପାଇଁ ୧୮୧୯, ସରପଞ୍ଚ ପାଇଁ ୨୧୬୩ ଏବଂ ୱାର୍ଡମେମ୍ବର ପାଇଁ ୧୧୩୫୨ ପ୍ରାର୍ଥିପତ୍ର ରହିଛି। ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଜିଲାରେ ୬୯ ଜିଲା ପରିଷଦ ସଭ୍ୟ, ୨୨ ବ୍ଲକ ଅଧିନ ୫୦୩ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏବଂ ୭୦୯୯ ୱାର୍ଡ ମେମ୍ବର ପଦବୀ ପାଇଁ ନିର୍ବାଚନ ହେବ। ଜିଲାର ମୋଟ ୨୪,୪୩,୬୧୬ ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ସେଥିମଧ୍ୟରେ ୧୨ ଲକ୍ଷ ୭୭ ହଜାର ୬୨୭ ଜଣ ପୁରୁଷ ଭୋଟର, ୧୧ ଲକ୍ଷ ୬୫ ହଜାର ୮୦୯ ଜଣ ମହିଳା ଭୋଟର ଓ ୧୮୦ ଜଣ ଅନ୍ୟ ଭୋଟର ରହିଛନ୍ତି। ପଞ୍ଚାୟତ ନିର୍ବାଚନ ପାଇଁ ଜିଲାରେ ୭୦୯୯ ବୁଥ୍ ପ୍ରସ୍ତୁତ ହୋଇଛି।

# କଇଁଛଙ୍କ ଗଣଅଣ୍ଡାଦାନ ପାଇଁ ବେଳାଭୂମି ସଫେଇ



ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ସାମିଲ ବ୍ୟକ୍ତିବିଶେଷ।

**ଗଞ୍ଜାମ,୨୩।୧(ଡି.ଏନ୍.ଏ.)**

ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷିତ ଗଣଅଣ୍ଡାଦାନ ଓ ପରିବେଶ ସୁରକ୍ଷାକୁ ନେଇ ରଷିକୂଲ୍ୟା ମୁହାଣ ସମୁଦ୍ର ବେଳାଭୂମିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ବଟେଶ୍ୱର ଶୈବପୀଠ ନିକଟସ୍ଥ ସମୁଦ୍ର ବେଳାଭୂମି ଓ ଶୈବପୀଠଠାରୁ ସମୁଦ୍ର ବେଳାଭୂମିର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ସଫେଇ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗ୍‌ଦର୍ଶନ ୟୁଥ କ୍ଲବ, ରମ୍ଭା ଗାୟତ୍ରୀ ଶକ୍ତିପୀଠ ଓ ବନ ବିଭାଗର ମିଳିତ ଆନୁକୂଲ୍ୟରେ ରବିବାର ସକାଳ ସମୟରେ ଦୁଇ ଘଣ୍ଟା ଶ୍ରମଦାନ କରାଯାଇ ପଲିଥିନ, ଛିଣ୍ଡା ଚପଲ, ଛିଣ୍ଡା ଜାଲ, ଅଳିଆ, ଆଇସ୍‌କ୍ରିମ ଓ ବିଭିନ୍ନ ଖାଦ୍ୟ ଖୋଳକୁ ନେଇ ଖୋଲା ସ୍ଥାନରେ ପୋଡି ନଷ୍ଟ କରାଯାଇଥିଲା। ଦିଗ୍‌ଦର୍ଶନ ୟୁଥ କ୍ଲବ ସଭାପତି ଉମାକାନ୍ତ ବେହେରା, ସମ୍ପାଦିକା ବିଜୟଲକ୍ଷ୍ମୀ ମହାକୁଡ଼, ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ପଞ୍ଚାନନ ଖଟୁଆ, ରାଜେନ୍ଦ୍ର କୁମାର ଜେନା, ଲମ୍ବୋଦର ମହାନ୍ତି, ଉଦୟ ନାଥ ତରାଇ, ଶେଷଦେବ ବେହେରା, ଉମାକାନ୍ତ ସାହୁ, ତାରକେଶ, ବନ ବିଭାଗ ପକ୍ଷରୁ ବି. କ୍ରିଷ୍ଣା, ରାଜେଶ କୁମାର ବେହେରା, ଜି. କ୍ରିଷ୍ଣା, ପି. ସୋମନାଥ ରାଓ, କୁନା ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# କାଶୀନଗର ବ୍ଲକର ୩୦ ପ୍ରାର୍ଥିପତ୍ର ନାକଚ

**କାଶୀନଗର,୨୩।୧**

କାଶୀନଗର ବ୍ଲକର ପଞ୍ଚାୟତ ନିର୍ବାଚନ ରଣାଙ୍ଗନାରେ ଅବତୀର୍ଣ୍ଣ ୪୮୩ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୩୦ ପ୍ରାର୍ଥିପତ୍ର ନାକଚ ହୋଇଯାଇଛି। ସରପଞ୍ଚ ପ୍ରାର୍ଥୀପତ୍ର ୧୧, ସମିତିସଭ୍ୟ ୨ ଓ ୱାର୍ଡସଭ୍ୟ ୧୭ ଜଣଙ୍କ ପ୍ରାର୍ଥୀପତ୍ର ଯାଞ୍ଚ କରି ନାକଚ କରାଯାଇଥିବା ନିର୍ବାଚନ ଅଧିକାରୀ ବିଡିଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ସୂଚନା ଦେଇଛନ୍ତି। ବ୍ଲକର ମୋଟ ୧୬୦ ଜଣ ୱାର୍ଡସଭ୍ୟଙ୍କ ମଧ୍ୟରୁ ବିନା ପ୍ରତିଦ୍ୱନ୍ଦିତାରେ ୪୭ ଜଣ ନିର୍ବାଚିତ ହୋଇଛନ୍ତି। ଉକ୍ତ ୱାର୍ଡଗୁଡ଼ିକରେ ଜଣେ ଲେଖାଏ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଥିଲେ।

# ବୁଗୁଡ଼ା ବ୍ଲକରେ ୬୯୪ ପ୍ରାର୍ଥିପତ୍ର କାଏମ

**ବୁଗୁଡ଼ା,୨୩।୧(ଡି.ଏନ.ଏ.)**

ବୁଗୁଡା ବ୍ଲକର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟାର ପରିସମାପ୍ତି ଘଟିଛି। ଯାଞ୍ଚ ପରେ ମୋଟ ୬୯୪ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ବେଳେ ୧୦ ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଛି। ଗତ ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ପ୍ରାର୍ଥୀପତ୍ର ଦାଖଲ କେନ୍ଦ୍ରରେ ପୃଥକ୍ ଭାବେ ୧୦୬ ଜଣ ସରପଞ୍ଚ ପ୍ରାର୍ଥୀ, ୯୯ ଜଣ ସମିତି ସଭ୍ୟ ପ୍ରାର୍ଥୀ ଓ ୫୦୯ ଜଣ ୱାର୍ଡ ସଭ୍ୟ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଥିଲେ। ୨୨ ତାରିଖ ହୋଇଥିବା ଯାଞ୍ଚ ପ୍ରକ୍ରିୟାର ପରିସମାପ୍ତି ପରେ ୧୦୨ ସରପଞ୍ଚ, ୯୨ ସମିତି ସଭ୍ୟ ଓ ୫୦୦ ୱାର୍ଡ ସଭ୍ୟଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଅନ୍ୟପକ୍ଷରେ ୨୧ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ ବୁଗୁଡ଼ା ବ୍ଲକର ୩ ଜିଲା ପରିଷଦ ଜୋନ୍ ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ଦଳ ପକ୍ଷରୁ ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରାଯାଇଥିବା ୯ ଯାକ ପ୍ରାର୍ଥୀପତ୍ର କାଏମ ରହିଛି। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ୨୫ ତାରିଖ ଶେଷ ଦିବସ ହୋଇଥିବା ବେଳେ ତାହା ପରେ ହିଁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ତନ୍ମୟ ପାତ୍ର ସୂଚନା ଦେଇଛନ୍ତି।

# ବାଲୁକା ଶିଳ୍ପୀ ସଚ୍ଚିଦାନନ୍ଦଙ୍କ ବାଲୁକା କଳା

**ଗଞ୍ଜାମ,୨୩।୧(ଡି.ଏନ୍.ଏ.)**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ବଟେଶ୍ୱର ଶୈବପୀଠ ସମୁଦ୍ର ବେଳାଭୂମିରେ ୧୨୫ତମ ନେତାଜୀ ଜୟନ୍ତୀ ଅବସରରେ ଏକ ବାଲୁକା କଳାକୃତିରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ମୁଖମଣ୍ଡଳ କରାଯାଇଥିଲା। ଉକ୍ତ କଳାକୃତି ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବା ସହ ପର୍ଯ୍ୟଟକମାନଙ୍କ ମନରେ ଦେଶାତ୍ମବୋଧକ ଭାବନା ଜାଗ୍ରତ ହୋଇଥିଲା। ସ୍ଥାନୀୟ କଣ୍ଟିଆଗଡ଼ ଗ୍ରାମର ଯୁବ ପ୍ରତିଭାବାନ୍ ବାଲୁକା




ସଚ୍ଚିଦାନନ୍ଦଙ୍କ ବାଲୁକା କଳାକୃତି।

ଶିଳ୍ପୀ ସଚ୍ଚିଦାନନ୍ଦ ପ୍ରଧାନ ଏହି କଳାକୃତି ପ୍ରଦର୍ଶନ କରିଥିଲେ। ଏଥିଯୋଗୁ ବିଭିନ୍ନ ମହଲରେ ତାଙ୍କୁ ଉଚ୍ଚ ପ୍ରଶଂସା କରାଯାଇଥିଲା।

# ସୁଇପରଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ଗଞ୍ଜାମ,୨୩।୧(ଡି.ଏନ.ଏ.)**

**ପରିମଳ ବ୍ୟବସ୍ଥା ଠପ୍**

ଗଞ୍ଜାମ ଏନ୍‌ଏସିରେ କାର୍ଯ୍ୟରତ ସୁଇପରମାନେ ଗତ ଶନିବାରରୁ ବିଭିନ୍ନ ସମସ୍ୟା ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ପରିମଳ ବ୍ୟବସ୍ଥା ଠପ୍ ହୋଇଯାଇଛି। ଦୁଇ ଦିନ ହେଲା ବିଭିନ୍ନ ୱାର୍ଡରେ ଅଳିଆ ଆବର୍ଜନା ପଡି ରହିଛି। ପୂର୍ବରୁ ଏହି ଏନ୍‌ଏସିରେ ପରିମଳ ଠିକା ନେଇଥିବା ଠିକାଦାରଙ୍କ ଅବଧି ଗତ ଡିସେମ୍ବର ୩ରେ ସରିଥିଲା। ପରେ ଉକ୍ତ ଠିକାଦାରଙ୍କୁ ଅବଧି ବୃଦ୍ଧି ବୋଲି ଏନ୍‌ଏସି କର୍ତ୍ତୃପକ୍ଷ କୌଣସି ଲିଖିତ ଅର୍ଡର ପ୍ରଦାନ କରିନାହାନ୍ତି। ପୁଣି ଡିସେମ୍ବର ଶେଷ ଆଡକୁ ଏନ୍‌ଏସି ପ୍ରଶାସନ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଥିଲା। ଏଥିରେ ଅନ୍ୟ ଜଣେ ଠିକାଦାରଙ୍କ ହାତକୁ ଚାଲିଯାଇଥିଲା ପରିମଳ କାର୍ଯ୍ୟ। ଅନ୍ୟପଟେ ନୂତନ ଭାବେ ପରିମଳ କାର୍ଯ୍ୟ ନେଇଥିବା ଠିକାଦାରଙ୍କୁ ମଧ ଏନଏସି ପ୍ରଶାସନ କାର୍ଯ୍ୟାଦେଶ ପ୍ରଦାନ କରି ନଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ବର୍ତ୍ତମାନ ଅସୁସ୍ଥତା କାରଣରୁ ଏନ୍‌ଏସି ଇଓ ରାଜିତ କୁମାର ୨୦ ଦିନରୁ ଊର୍ଦ୍ଧ୍ୱ ହେବ ଛୁଟିରେ ଥିବାବେଳେ ଦାୟିତ୍ୱରେ ଅଛନ୍ତି ଗଞ୍ଜାମ ତହସିଲଦାର ଅରୁଣ ନାୟକ। ଅନ୍ୟପଟେ କାର୍ଯ୍ୟରତ ସୁଇପରମାନେ ସୋମବାର ଗଞ୍ଜାମ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଜଣେ ସୁଇପର ସୂଚନା ଦେଇଛନ୍ତି। ଏନ୍‌ଏସି ପ୍ରଶାସନିକ ଅଧିକାରୀ ତଥା ଛତ୍ରପୁର ଉପଜିଲାପାଳ ନୀଳମାଧବ ଭୋଇ କହିଛନ୍ତି ଏ ନେଇ ତଦନ୍ତ କରାଯାଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ।

# ପଞ୍ଚାୟତ ନିର୍ବାଚନ: ନାମାଙ୍କନ ଯାଞ୍ଚ ଶେଷ

**ପାରଳାଖେମୁଣ୍ଡି,୨୩।୧(ଡି.ଏନ୍.ଏ.)**

ଆସନ୍ତା ଫେବୃୟାରୀ ୧୬ରୁ ୨୪ ତାରିଖ ମଧ୍ୟରେ ୫ଟି ପର୍ଯ୍ୟାୟରେ ହେବାକୁ ଥିବା ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଯାଞ୍ଚ ପରେ ପୂର୍ବରୁ ଦାଖଲ ହୋଇଥିବା ସମସ୍ତ ୫୬ ଜଣଙ୍କ ୬୫ଟି ନାମାଙ୍କନ ପତ୍ର ବିଧିବଦ୍ଧ ଭାବେ କାଏମ ରହିଥିବା ଜିଲା ନିର୍ବାଚନ କାର୍ଯ୍ୟାଳୟ ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ଉପଜିଲାପାଳ ଦିଲୀପ କୁମାର ମହାରଣାଙ୍କ ଉପସ୍ଥିତି ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡେପୁଟି ନିର୍ବାଚନ ଅଧିକାରୀ ରାଜେନ୍ଦ୍ର କୁମାର ଭୂୟାଁ ଓ ଜିଲା ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀମାନେ ସମସ୍ତ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଯାଞ୍ଚ କରିଥିଲେ।

# ଡକାୟତି ମାମଲା: ୮ ବର୍ଷ ପରେ ୨ ଅଭିଯୁକ୍ତ ଗିରଫ

**ଜୟପୁର,୨୩।୧ (ନି.ପ୍ର.)**

ଡକାୟତି ମାମଲାରେ ଜଡିତ ଥିବା ୨ଜଣ ଅଭିଯୁକ୍ତଙ୍କୁ ଜୟପୁର ସଦର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଗୋପୀ ହରିଜନ ଓ ଡମ୍ବରୁ ମାଣ୍ଡି। ଉଭୟେ ଏକ ଡକାୟତି ମାମଲାରେ ୨୦୧୪ରୁ ଫେରାର ଥିଲେ। ଏବେ ୮ବର୍ଷ ପରେ ଧରାପଡିଛନ୍ତି। ଖବରରୁ ଜଣାପଡିଛି ୨୦୧୪ରେ ଗୋପୀ, ଡମ୍ବରୁଙ୍କ ସମେତ ଅନ୍ୟ କେତେ ଜଣ କୋରାପୁଟ ଜିଲା ଦଶମନ୍ତପୁର ଥାନା ଅଞ୍ଚଳର ପିଇଓ ଏବଂ ଜିଆରଏସ୍ ଟଙ୍କା ଧରି ଯାଉଥିବା ବେଳେ ସେମାନଙ୍କୁ ଆକ୍ରମଣ କରି ୧ ଲକ୍ଷ ୭୦ ହଜାର ଟଙ୍କା, ବାଇକ୍ ସୁନାଚେନ ଆଦି ଲୁଟି ନେଇଥିଲେ ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ଡକାୟତି ଉଦ୍ୟମ ପଣ୍ଡ, ୪ ଗିରଫ

**ପାତ୍ରପୁର,୨୩।୧(ଡି.ଏନ.ଏ.)**

ଜରଡ଼ା ଥାନା ଅନ୍ତର୍ଗତ ମୁଣ୍ଡୁକେରି ଗ୍ରାମ ପୋଖରୀ ହୁଡ଼ା ନିକଟରୁ ଏକ ଡକାୟତ ଗ୍ୟାଙ୍ଗକୁ ଶନିବାର ରାତିରେ ପୋଲିସ ଗିରଫ କରିଛି। ୩ ଜଣ ଜରଡ଼ା ଥାନା ଅନ୍ତର୍ଗତ ବମକେଇ, ଅରଖା, କୋଳିହୋଳା ଗ୍ରାମର ରହିଥିବା ବେଳେ ଅନ୍ୟ ଜଣକ ସଦର ଥାନାର ଅନ୍ତର୍ଗତ ଡେଙ୍ଗାପଦରର ବୋଲି ଜଣାପଡ଼ିଛି। ବିଳମ୍ବିତ ରାତିରେ ୬ଜଣ ଡକାୟତ ଗ୍ୟାଙ୍ଗ ଡକାୟତି କରିବା ପାଇଁ ଯୋଜନା



ଗିରଫ ଅଭିଯୁକ୍ତଙ୍କ ସହ ଜବତ ମାରଣାସ୍ତ୍ର।

କରିଥିବା ସମୟରେ ପୋଲିସ ତାଙ୍କୁ ଧରିଥିଲା। ଅନ୍ୟ ୨ ଡକାୟତ ଖସି ପଳେଇଥିଲେ। ସେମାନଙ୍କ ନିକଟରୁ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଜବତ ହୋଇଛି।

# ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**ମାଲକାନଗିରି, ୨୩।୧ (ଡି.ଏନ.ଏ.)**

ମାଲକାନଗିରି ଜିଲାର ରିକ୍ଲାମେଶନ କଲୋନୀରେ ଜାଗା ମିଶନ ମାଧ୍ୟମରେ ବସ୍ତିବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି ନେଇ ଏକ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମାଲକାନଗିରି ପୌରପରିଷଦର ଜାଗା ମିଶନ କାର୍ଯ୍ୟକର୍ତ୍ତା ସୁନିତା ମାଝୀ ପରିଚାଳନା କରିଥିଲେ। ମିସନର କୋଷାଧ୍ୟକ୍ଷ ସତ୍ୟଜିତ ମହାପାତ୍ର, ପୂର୍ବତନ କାଉନସେଲର ଜି. ବିଜୟ ଲକ୍ଷ୍ମୀ, ରିକ୍ଲାମେଶନ କଲୋନୀ ଏସ୍‌ଡିଏ ସଭାପତି କେ. ରାହୁଲ, କଳାହାଣ୍ଡି ସାହି ଏସ୍‌ଡିଏ ସଭାପତି ବଳରାମ ନାଗଉପସ୍ଥିତ ଥିଲେ।

# ନଦୀରେ ବୁଡ଼ି ଯୁବକ ନିଖୋଜ

**ପାରଳାଖେମୁଣ୍ଡି,୨୩।୧(ଡି.ଏନ୍.ଏ.)**

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଥାନା ଅଧୀନରେ ଥିବା ବାଘଶାଳା ନିକଟ ମହେନ୍ଦ୍ରତନୟା ନଦୀରେ ବୁଡ଼ି ରବିବାର ଜଣେ ଯୁବକ ନିଖୋଜ ହୋଇ ଯାଇଛନ୍ତି। ତାଙ୍କ ନାମ ତେଜେଶ୍ୱର ରାଓ। ତେଜେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ବ୍ରହ୍ମପୁରରୁ ଗୋଷାଣୀ ବ୍ଲକକୁ ଆସିଥିଲେ। ପୂଜା ଆରମ୍ଭ ପୂର୍ବରୁ ସ୍ନାନ ପାଇଁ ନଦୀକୁ ଯାଇ ଆଉ ଫେରି ନଥିଲେ। ଖବର ପାଇ ପରିବାର ଲୋକ ଏବଂ ଗ୍ରାମବାସୀଙ୍କ ସହାୟତାରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଖୋଜାଖୋଜି ଜାରି ରଖିଛନ୍ତି।



ମହେନ୍ଦ୍ରତନୟା ନଦୀରେ ନିଖୋଜ ଯୁବକଙ୍କୁ ଖୋଜାଚାଲିଛି।

# ୪ ବ୍ଲକରେ ଦାୟିତ୍ୱ ନେଇଛି ଏସ୍ଏଚ୍‌ଜି

**ପାରଳାଖେମୁଣ୍ଡି,୨୩।୧(ଡି.ଏନ୍.ଏ.)**

**ଗଜପତିରେ ଧାନ ସଂଗ୍ରହ**

କୃଷିଭିତ୍ତିକ ନୂଆ ନୂଆ ଲୋକାଭିମୁଖୀ ଯୋଜନାର ପ୍ରଣୟନ ଓ ସଫଳ ରୂପାୟନ କ୍ଷେତ୍ରରେ ଗଜପତି ଜିଲା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଅଳ୍ପ କିଛି ଜିଲାଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ, ଯାହା ଗତ ୫ରୁ ୧୦ବର୍ଷ ମଧ୍ୟରେ କୃଷିକ୍ଷେତ୍ରରେ ଲାଭ କରିଛି ଅଭୂତପୂର୍ବ ଉନ୍ନତି। ବିଗତ ବର୍ଷଗୁଡ଼ିକ ତୁଳନାରେ ଚଳିତବର୍ଷ ଜିଲାରେ ମଣ୍ଡିରେ ଧାନକ୍ରୟ ପ୍ରକ୍ରିୟାରେ ଆଖିଦୃଶିଆ ପ୍ରଗତି ପରିଲକ୍ଷିତ ହୋଇଛି। ୨୦୨୧-୨୨ ଖରିଫ ଋତୁ ପାଇଁ ୧୨,୭୪୨ ପଞ୍ଜୀକୃତ କୃଷକମାନଙ୍କଠାରୁ ୫୬୧୧୯.୪୦୨ ମେଟ୍ରିକ ଟନ୍ ଧାନ ଓ ୩୭୬୦୦.୦୦୦ ମେଟ୍ରିକ ଟନ୍ ଚାଉଳ କ୍ରୟ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସ୍ଥଳେ ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୯୪୦ ଓ ଗ୍ରେଡ୍-ଏ ପାଇଁ



ଧାନ ସଂଗ୍ରହ ସମ୍ପର୍କରେ ଏସ୍ଏଚ୍‌ଜି ସଭ୍ୟଙ୍କ ସହ ଆଲୋଚନା ଚାଲିଛି।

୧୯୬୦ ସ୍ଥିର କରାଯାଇଛି। ଜିଲାରେ କୃଷକ କ୍ୟାମ୍ପିନ ଭଳି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି, ଯେଉଁଥିରେ ସ୍ୱୟଂସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ଙ୍କ ଦ୍ୱାରା ଖାଦ୍ୟ ପ୍ରସ୍ତୁତ କରାଯାଇ କୃଷକମାନଙ୍କୁ ଧାନକ୍ରୟ ସମୟରେ ବିତରଣ କରାଯାଉଛି। ରାଜ୍ୟ ସରକାରଙ୍କ ମିଶନ ଶକ୍ତି କାର୍ଯ୍ୟକ୍ରମ ଯେପରି ମହିଳାମାନଙ୍କୁ ଅର୍ଥନୈତିକ ସ୍ତରରେ ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ଆତ୍ମସମ୍ମାନ ଫେରାଇ ଆଣିବାରେ ସର୍ବଶ୍ରେଷ୍ଠ ମାଧ୍ୟମ ସାଜିଛି, ସେହିପରି ଗଜପତି ଜିଲା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମଣ୍ଡିରେ ଧାନକ୍ରୟ ପ୍ରକ୍ରିୟାରେ ନିୟୋଜିତ କରି ସେମାନଙ୍କୁ ଆହୁରି ଅଧିକ ସଶକ୍ତ କରିଛି। ଚାରୋଟି ବ୍ଲକରେ ପ୍ରାୟ ୪୪ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ପ୍ରକ୍ରିୟାରେ ଭାଗ ନେଇ ରାଜ୍ୟ ଅର୍ଥନୀତିକୁ ଆହୁରି ଅଧିକ ସୁଦୃଢ଼ କରିଛନ୍ତି। ସେହିପରି ଧାନମଣ୍ଡିର ସୁପରିଚାଳନା କରି ମହିଳାମାନେ ବିକାଶର ମହାଧାରାରେ ସାମିଲ ହୋଇ ଦୃଢ଼ କାର୍ଯ୍ୟଦକ୍ଷତାର ପ୍ରଦର୍ଶନ କରିଛନ୍ତି। ଧାନ ସଂଗ୍ରହ, ମାନ ପରୀକ୍ଷଣ, ମିଲର୍‌ମାନଙ୍କ ସହ ଯୋଗାଯୋଗଠାରୁ ଆରମ୍ଭ କରି ଭବିଷ୍ୟତ ପାଇଁ ଖାଦ୍ୟଶସ୍ୟ ସଂରକ୍ଷଣ କରି ରଖିବା ଆଦି ପ୍ରତ୍ୟେକ କାର୍ଯ୍ୟରେ ମହିଳାମାନେ ନିୟୋଜିତ ହୋଇଛନ୍ତି।

## ସଂକ୍ଷେପରେ

### ଦୁଇ ବାଇକ୍ ମଧ୍ୟରେ ଦୁର୍ଘଟଣା, ୩ ଆହତ

**ଖଣ୍ଡପଡା, ୨୩।୧(ସ୍ୱ.ପ୍ର.):** ଖଣ୍ଡପଡା ଥାନା ଅଧୀନ ଖଲିସାହି-କୋସକା ରାସ୍ତାର କୋଟପୋଖରୀ ଗ୍ରାମ ନିକଟସ୍ଥ ବୁଲାଣୀରେ ରବିବାର ସନ୍ଧ୍ୟାରେ ୨ଟି ବାଇକ୍ ଧକ୍କା ହେବା ଫଳରେ ୩ ଜଣ ଆହତ ହୋଇଛନ୍ତି। ଖବରପାଇ ଖଣ୍ଡପଡା ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ଥିବା ୨ ଜଣଙ୍କୁ ଡାକ୍ତର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛନ୍ତି। ଦୁର୍ଘଟଣାରେ ଆହତ ବ୍ୟକ୍ତିମାନେ ହେଲେ ନିକଟସ୍ଥ ସିଂଘାପଡା ଗ୍ରାମର କୁମୁଦବନ୍ଧୁ ପତି(୫୪) ଓ କୋସକା ପଞ୍ଚାୟତ ଅଧୀନ କୁସୁମଡା ଗ୍ରାମର ଅଶୋକ ଦାସ (୨୭) ଓ ତାଙ୍କ ଶଳା ଗୋପୀ ଦାସ (୨୫) ବୋଲି ଜଣାପଡିଛି। ଖବରପାଇ ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପହଞ୍ଚିଛି।

### ଗଞ୍ଜାମରେ ୬୪୫ ସକ୍ରିୟ କରୋନା ଆକ୍ରାନ୍ତ

**ଛତ୍ରପୁର, ୨୩।୧(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ ଗତ ୨୪ ଘଣ୍ଟାରେ ଆଉ ୮୮ ଜଣ କୋଭିଡ୍-୧୯ ଆକ୍ରାନ୍ତ ଚିହ୍ନଟ ହୋଇଥିବା ରବିବାର ସୂଚନା ମିଳିଛି। ଏମାନଙ୍କୁ ମିଶାଇଲେ ଜିଲାରେ ମୋଟ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୬୪୫ରେ ପହଞ୍ଚିଛି। ଅନ୍ୟପକ୍ଷରେ ୧୫୫ ଜଣ ସୁସ୍ଥ ହୋଇଛନ୍ତି। ଶନିବାର ଜିଲାର ୨୨୫୮ ଜଣଙ୍କ କରୋନା ଟେଷ୍ଟ କରାଯାଇଛି । ଜିଲାରେ ୨୨,୪୦୧ ଜଣଙ୍କୁ କରୋନା ଟିକା ଦିଆଯାଇଛି।

### ଅଟୋ-ସ୍କୁଟି ମୁହାଁମୁହିଁ ଧକ୍କା: ଜଣେ ମୃତ

**ବୁଗୁଡ଼ା, ୨୩।୧(ଡି.ଏନ.ଏ.):** ବୁଗୁଡା ପୋଲସରା ମୁଖ୍ୟ ରାସ୍ତାର କୁଆନଳା ଗ୍ରାମରେ ଅଟୋ ସହ ଏକ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ରବିବାର ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୁଗୁଡ଼ା ବ୍ଲକ ସାହିର ମନୋଜ କୁମାର ପାଢ଼ୀ(୨୪)। ମନୋଜ ମଧ୍ୟାହ୍ନରେ ଆସ୍କା ସାଙ୍ଗ ଘରକୁ ଯିବି କହି ଘରୁ ସ୍କୁଟି (ନଂ ଓଡି ୩୨ ସି ୩୭୬୧) ଯୋଗେ ବାହାରିଥିଲା। ତେବେ ଆସ୍କା ନଯାଇ ପୋଲସରା ଯାଇ ଅପରାହ୍ନରେ ଫେରୁଥିବା ସମୟରେ ବୁଗୁଡାରୁ ପୋଲସରା ଯାଉଥିବା ଏକ ଡାଲା ଅଟୋ ସହ କୁଆନଳାଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମନୋଜ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଗ୍ରାମବାସୀ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ ମଧ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ବୁଗୁଡା ପୋଲିସ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

### ଶିକାରୀ ଗିରଫ: ବନ୍ଧୁକ ଜବତ

**ଫୁଲବାଣୀ ଅଫିସ, ୨୩।୧:** କନ୍ଧମାଳ ଜିଲା ଫିରିଙ୍ଗିଆ ରେଞ୍ଜ ବନ୍ଧଗଡ ସଂରକ୍ଷିତ ଜଙ୍ଗଲରୁ ଜଣେ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ସେ ହେଲେ ପବିଙ୍ଗିଆ ପଞ୍ଚାୟତ ତାବିନିପଦର ଗାଁର କାଳି ଦାସ କହଁର। ତାଙ୍କ ସହ ଜଣେ ନାବାଳକ ମଧ ଶିକାର ପାଇଁ ଯାଇଥିଲେ। ସେମାନଙ୍କ ପାଖରୁ ଦୁଇଟି ଦେଶୀ ବନ୍ଧୁକ, ୧୦ଟି ଗୁଳି, ଗନ ପାଉଡର ଏବଂ ପକ୍ଷୀ ମାଂସ ଜବତ କରାଯାଇଛି। ଜଙ୍ଗଲରେ ବାଘ ଗଣନା କରିବାକୁ ବିଭାଗୀୟ କର୍ମଚାରୀମାନେ ଯାଇଥିବା ବେଳେ ଶିକାରୀଙ୍କୁ ଦେଖିଥିଲେ।

# ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ସରପଞ୍ଚ ପ୍ରାର୍ଥୀ

**ନୟାଗଡ଼ ଅଫିସ, ୨୩।୧**

ନୟାଗଡ଼ ବ୍ଲକ ନଡିଆଳି ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ପୂଜାଶ୍ରୀ ବରାଡ଼ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉକ୍ତ ପଞ୍ଚାୟତରୁ ପୂଜାଶ୍ରୀ ଓ ସବିତା ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଥିଲେ । ହେଲେ ସବିତାଙ୍କ ପ୍ରାର୍ଥୀପତ୍ର ନାକଚ ହେବା ପରେ ପୂଜାଶ୍ରୀଙ୍କୁ ଏହି ସୁଯୋଗ ମିଳିଛି। ପୂଜାଶ୍ରୀଙ୍କ ଘର ପଦ୍ମାଦେଇପୁର ଗାଁରେ। ଏନେଇ ସବିତା କୁହନ୍ତି, ନଡିଆଳି ପଞ୍ଚାୟତରୁ ଆମେ ଦୁଇ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲୁ । ମୋର ବିଜୟ ସୁନିଶ୍ଚିତ ଥିଲା । ପରାଜୟ ଭୟରେ ଶାସକ ଦଳ ଉଦ୍ଦେଶ୍ୟମୂଳକ ଭାବେ ମୋର ନାମାଙ୍କନପତ୍ର ନାକଚ କରିଛି । ମୁଁ ଏନେଇ ରବିବାର ଅବଗତ ହେଲି। ମୋ ପ୍ରତି ହୋଇଥିବା ଅନ୍ୟାୟର ବିଚାର ପାଇଁ ସୋମବାର ପ୍ରଶାସନକୁ ଅବଗତ କରିବି ବୋଲି ସେ କହିଛନ୍ତି ।

**ଦମ୍ପତିଙ୍କ ରାଜ୍:** ଭାପୁର ବ୍ଲକରେ ପଞ୍ଚାୟତ ନିର୍ବାଚନରେ ଦମ୍ପତିଙ୍କ ରାଜ୍ ଚାଲିଛି । ଏଠାରେ ସଂଗ୍ରାମ କେଶରୀ ପଟ୍ଟନାୟକ ବିଜିପୁର ପଞ୍ଚାୟତ ଓ ସ୍ତ୍ରୀ ସ୍ୱପ୍ନପ୍ରିୟା ପଟ୍ଟନାୟକ ଧାନଚାଙ୍ଗଡା ପଞ୍ଚାୟତ ପାଇଁ ସମିତି ସଭ୍ୟ ପ୍ରାର୍ଥୀ ହୋଇଛନ୍ତି । ସେହିପରି ପଦ୍ମାବତୀ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ଭରତ କୁମାର ବେହେରା ହୋଇଥିବାବେଳେ ସ୍ତ୍ରୀ ଆରତି ବେହେରା ସମିତି ସଭ୍ୟ ପ୍ରାର୍ଥୀ ହୋଇଛନ୍ତି। ପୁଣି ଶଶିଭୂଷଣ ରାଉତରାୟ ବିଜିପୁର ସମିତିସଭ୍ୟ ପ୍ରାର୍ଥୀ ହୋଇଥିବାବେଳେ ସ୍ତ୍ରୀ ରଶ୍ମି ରାଉତରାୟ ସରପଞ୍ଚ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି।

**ମାଆ ସମିତି ସଭ୍ୟ, ପୁଅ ସରପଞ୍ଚ ପ୍ରାର୍ଥୀ:** ଭାପୁର ବ୍ଲକରେ ମା'ବିଦ୍ୟୁତ୍‌ପ୍ରଭା ଷଡଙ୍ଗୀ ରାକ୍ମା ପଞ୍ଚାୟତ ସମିତି ସଭ୍ୟ ପ୍ରାର୍ଥୀ ହୋଇଥିବାବେଳେ ପୁଅ ବାଳ ଗୋପାଳ ଷଡଙ୍ଗୀ ସରପଞ୍ଚ ପ୍ରାର୍ଥୀ ହୋଇଛନ୍ତି। ଉକ୍ତ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ୪ଜଣ ଓ ସମିତିସଭ୍ୟ ପ୍ରାର୍ଥୀ ୬ଜଣ ନିର୍ବାଚନ ଲଢୁଛନ୍ତି। ମା'ପୁଅ ବିଜୟୀ ହେବାକୁ ଜୋରଦାର ଉଦ୍ୟମ ଜାରି ରଖିଛନ୍ତି।



ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ପୂଜାଶ୍ରୀ ବରାଡ଼ ।

## ନୟାଗଡ଼ ପଞ୍ଚାୟତ ନିର୍ବାଚନ ପରିକ୍ରମା

**ମହିଳା ପ୍ରାର୍ଥୀଙ୍କୁ ବାସନ୍ଦ:** ନୟାଗଡ଼ ବ୍ଲକ କେନ୍ଦୁଡ଼ିପି ପଞ୍ଚାୟତରେ ରାଜନୀତି ସରଗରମ ହେବାରେ ଲାଗିଛି । ଜଣେ ମହିଳା ପ୍ରାର୍ଥୀଙ୍କ ପରିବାରକୁ ବାସନ୍ଦ କରାଯାଇଛି। ମହିଳାମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଭୁଲ। ନିର୍ବାଚନରୁ ଓହରିଯିବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିଲା । ହେଲେ ସେ ଅରାଜି ହେବାରୁ ଗାଁର କଙ୍ଗାରୁକୋର୍ଟରେ ବାସନ୍ଦ କରାଯାଇ ତାଙ୍କୁ ନିର୍ଯାତନା ଦିଆଯାଉଛି ବୋଲି ଅଭିଯୋଗ ରହିଛି । ଭୋଟ ଭାଗ ହେବାର ଭୟରେ ପ୍ରାର୍ଥୀ ଅଭିଯୋଗ ନ କରି ଚୁପ୍ ରହିଛନ୍ତି । ଅନ୍ୟପକ୍ଷେ ଏହି ପଞ୍ଚାୟତରେ ଭୋଜି ଭାତର ଆସର ସହ ମଦ୍ୟପଙ୍କ ଉତ୍ପାତ ଚାଲିଛି। ପ୍ରତିବାଦ କଲେ ମାରପିଟ୍ କରାଯାଉଛି ବୋଲି ଅଭିଯୋଗ ହୋଇଛି ।

**ପ୍ରାର୍ଥିପତ୍ର ପ୍ରତ୍ୟାହାର ଅଫର:** ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଅଫର ରହିଥିବା ଚର୍ଚ୍ଚା ହେଉଛି । କେତେଜଣ ଅସନ୍ତୁଷ୍ଟ ପ୍ରାର୍ଥୀ ଓ ସ୍ୱାଧୀନ ପ୍ରାର୍ଥୀ କଣ୍ଟା ସାଜୁ ଥିବାରୁ ,ସେମାନଙ୍କୁ ବିଭିନ୍ନ ଉପାୟରେ ନିର୍ବାଚନରୁ ହଟାଇବାକୁ ଯୋଜନା ଚାଲିଛି। ଏପରି କି ଏପରି ଅଫର କାମ ନ କଲେ ଚେତାବନୀ,ମାରପିଟ୍, ଧମକ ମଧ ଦିଆଯାଉଛି । ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାକୁ କେତେଜଣ ପ୍ରାର୍ଥୀ ରାଜି ହୋଇଥିବାବେଳେ ଆଉ କେତେଜଣ ଅଫର ନେବାକୁ ରାଜିହେଉ ନାହାନ୍ତି । ମୁଣ୍ଡ ଉପରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଥିବାରୁ ପ୍ରାର୍ଥୀଙ୍କ ଟେନସନ ବଢ଼ିଛି।

## ସମସ୍ତ ୱାର୍ଡ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଖଣ୍ଡପଡ଼ା, ୨୩।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ଗଡିଆସାହି ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ୮ ରାଜସ୍ୱ ଗ୍ରାମକୁ ନେଇ ଗଠିତ ଉକ୍ତ ପଞ୍ଚାୟତର ସରପୋଖରୀ ଗ୍ରାମରେ ୧ ଓ ୨ନଂ. ୱାର୍ଡ ଥିବା ବେଳେ ୩ନଂ. ୱାର୍ଡ ଭାବେ କୁଞ୍ଜବେଲ୍ଲୀ. ୪ ଓ ୫ନଂ. ରାକେଶିଆ, ୬ନଂ. ପିତାମହୁଲ, ୭ନଂ. ନଟବରପୁର ଶାସନ, ୮ନଂ. ସାଧୁଆପଲ୍ଲୀ, ୯, ୧୦,୧୧. ୧୨ନଂ. ୱାର୍ଡ ଭାବେ ନୂଆଗଡ଼ିଆସାହି ଏବଂ ୧୩, ୧୪, ୧୫ ଓ ୧୬ ନଂ. ୱାର୍ଡ ଭାବେ ପଥରଗଣ୍ଡ ରାଜସ୍ୱ ଗ୍ରାମ ରହିଛି। ଏହି ୧୬ଟି ୱାର୍ଡକୁ ନେଇ ଗଡ଼ିଆସାହି ପଞ୍ଚାୟତ ଗଠିତ। ଉକ୍ତ ପଞ୍ଚାୟତରେ ପ୍ରବୀଣା ସାମଲ ଓ ପ୍ରତିମା ଆଚାର୍ଯ୍ୟ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଅପରପକ୍ଷେ ଏହି ପଞ୍ଚାୟତର ସମିତି ସଭ୍ୟ ପଦବୀ ପାଇଁ ବିଜେଡିର ଅସନ୍ତୁଷ୍ଟ ବରିଷ୍ଠ ନେତା ବିଜୟ ନନ୍ଦ, କାହ୍ନୁ ସେଠୀ, ଅଜୟ କୁମାର ମହାପାତ୍ର ଓ ଆର୍ତ୍ତବନ୍ଧୁ ନାୟକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

## କଣ୍ଟିଲୋ ପଞ୍ଚାୟତରେ ସର୍ବାଧିକ ଭୋଟର

**ଖଣ୍ଡପଡ଼ା, ୨୩।୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଫେବୃୟାରୀ ୨୪ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ । ଏହି ନିର୍ବାଚନକୁ ଶାନ୍ତିଶୃଙ୍ଖଳା ସହ ପରିଚାଳନା କରିବା ଲାଗି ବ୍ଲକ ଓ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରୁ କଣ୍ଟିଲୋ ପଞ୍ଚାୟତରେ ଭୋଟରଙ୍କ ସଂଖ୍ୟା ସର୍ବାଧିକ ଥିବା ବେଳେ ଶାଳଝରିଆ ପଞ୍ଚାୟତରେ ସେହି ସଂଖ୍ୟା ସର୍ବନିମ୍ନ ରହିଛି। ୨୫ ୱାର୍ଡକୁ ନେଇ ଗଠିତ କଣ୍ଟିଲୋ ପଞ୍ଚାୟତରେ ଭୋଟରଙ୍କ ସଂଖ୍ୟା ୮୧୧୫ ଥିବା ବେଳେ ୧୧ ୱାର୍ଡକୁ ନେଇ ଗଠିତ ଶାଳଝରିଆ ପଞ୍ଚାୟତ ଭୋଟରଙ୍କ ସଂଖ୍ୟା ୧୯୩୮ ବୋଲି ବ୍ଲକ ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି।

# ୫ନଂ. ଜୋନ୍‌ରେ ପଞ୍ଚମୁଖୀ ଲଢ଼େଇ

**ଖଣ୍ଡପଡ଼ା, ୨୩।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ୫ନଂ. ଜିଲା ପରିଷଦ ଜୋନ୍ ସଭ୍ୟ ପଦ ପାଇଁ ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳ ପ୍ରାର୍ଥୀ ଦେଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ୨ଜଣ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଏହି ଜୋନ୍‌ର ୯ ପଞ୍ଚାୟତରେ ରାଜନୈତିକ ଉଷ୍ମତା ଲାଗି ରହିଛି । ଦଳ ମଧ୍ୟରେ ଚାଲିଥିବା ବଳ କଷାକଷିରେ ସ୍ୱାଧୀନ ପ୍ରାର୍ଥୀ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି । ତେବେ ପ୍ରତ୍ୟେକ ପଞ୍ଚାୟତରେ ଶାସକ ଦଳ ପାଇଁ କଡା ମୁକାବିଲା ହେବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି ।

**ଭାଜପାର ବିଦ୍ରୋହୀ ପ୍ରାର୍ଥୀ ନିଗମାନନ୍ଦଙ୍କୁ ନେଇ ଚିନ୍ତା**

ଖଣ୍ଡପଡ଼ା ବ୍ଲକ ଅଧୀନ ୫ନଂ. ଜିଲା ପରିଷଦ ଜୋନ୍‌ରୁ ଚଳିତ ନିର୍ବାଚନରେ ଶାସକ ବିଜେଡି, ବିରୋଧୀ ଭାଜପା ଓ କଂଗ୍ରେସ ପକ୍ଷରୁ ୩ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ଖଳିସାହି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ରବିନ୍ଦ୍ର ଚନ୍ଦ୍ର ବେହେରା ପ୍ରଥମ ଥର ପାଇଁ ଜିଲା ପରିଷଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି । ଭାଜପାରୁ ପ୍ରାର୍ଥୀ ହେବା ପାଇଁ ଯୁବନେତା ନିଗମାନନ୍ଦ ଦାଶ ଆଶାୟୀ ଥିଲେ । ଦଳ ପକ୍ଷରୁ ତାଙ୍କୁ ଅଣଦେଖା କରାଯାଇ ନିର୍ମଳା ବିଶ୍ୱାଳଙ୍କୁ ଦଳୀୟ ଟିକେଟ ପ୍ରଦାନ ପରେ ନିଗମାନନ୍ଦ ଭାଜପାର ବିଦ୍ରୋହୀ ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ବିଜେଡି ପ୍ରାର୍ଥୀ ଭାବେ ରାମେଶ୍ୱର ଶତପଥୀ, କଂଗ୍ରେସ ପ୍ରାର୍ଥୀ ତଥା ଯୁବ ସଙ୍ଗଠକ ପ୍ରକାଶ ଚନ୍ଦ୍ର ଖୁଣ୍ଟିଆ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ଏହି ଜୋନ୍ ବିଜେଡିର ଗଡ଼ ଭାବେ ପରିଚିତ । ୨୦୦୭ରୁ ଏହି ଜୋନ୍‌ରୁ ବିଜେଡି ପ୍ରାର୍ଥୀମାନେ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହେଉଛନ୍ତି। ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କ ବିଜୟ ପଥରେ କଂଗ୍ରେସ, ଭାଜପା ଓ ସ୍ୱାଧୀନ ପ୍ରାର୍ଥୀ ବାଧକ ସାଜିବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ଏଫ୍‌ଇସିସି କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ନୂଆଗାଁ, ୨୩।୧(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ କଲେଜ ନିକଟ ପଡ଼ିଆରେ ରବିବାର ଫ୍ରେଣ୍ଡସ ଇଲେଭେନ କ୍ରିକେଟ କ୍ଲବ୍ (ଏଫ୍‌ଇସିସି) ଦ୍ୱାରା ଆୟୋଜିତ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚ୍ ମଧ୍ୟଖଣ୍ଡ କ୍ରିକେଟ ଟିମ୍ ଓ ମହିପୁର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମଧ୍ୟଖଣ୍ଡ ଟିମ୍ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ମହିପୁର ଦଳ ୨୦ ଓଭରରେ ୬୨ ରନ ସଂଗ୍ରହ କରି ଅଲ୍ ଆଉଟ ହୋଇଥିବା ବେଳେ ମଧ୍ୟଖଣ୍ଡ ଟିମ୍ ୮ ଓଭରରେ ୩ ଉଇକେଟ ହରାଇ ୬୬ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା । ଆଜିର ମ୍ୟାଚ୍‌ରେ ମଧ୍ୟଖଣ୍ଡ

**ମଧ୍ୟଖଣ୍ଡ ଟିମ୍ ବିଜୟୀ**

ଟିମ୍‌ର ରାଜା ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ହାସଲ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ସାମାଜିକ କର୍ମୀ ଶିବାଜୀ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ନୂଆଗାଁ ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ମ୍ୟାଚ୍‌କୁ ଅଶୋକ କୁମାର ନାୟକ , ବନଜିତ୍ ସାହୁ, ସାଗର କୁମାର, ମିଲନ କୁମାର ସାହୁଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ । ସୋମବାର ନୂଆଗାଁ ଟିମ୍ ସହ ଖମାରସାହି ଟିମ୍ ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ୨୧୬ କରୋନା ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ, ୨୩।୧**

ନୟାଗଡ଼ ଜିଲାରେ ରବିବାର ୨୧୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଭାପୁର ବ୍ଲକର ୨୪, ଦଶପଲ୍ଲା ବ୍ଲକର ୧୭, ଗଣିଆ ବ୍ଲକର ୭, ଖଣ୍ଡପଡ଼ା ବ୍ଲକର ୨୮, ନୟାଗଡ଼ ବ୍ଲକର ୨୭, ନୂଆଗାଁ ବ୍ଲକର ୩୦,ଓଡ଼ଗାଁ ବ୍ଲକର ୩୫, ରଣପୁର ବ୍ଲକର ୧୨, ନୟାଗଡ଼ ପୌରାଞ୍ଚଳରେ ୩୬ ଜଣ ରହିଛନ୍ତି। ଗୁରୁବାର ଏହି ସଂଖ୍ୟାଙ୍କୁ ମିଶାଇଲେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୧୩୦ରେ ପହଞ୍ଚିଛି ।

# ଜନ ଅଧିକାର ବିକାଶ ମଞ୍ଚ ପକ୍ଷରୁ ନେତାଜୀ ଜୟନ୍ତୀ

**ଗଣିଆ, ୨୩।୧(ଡି.ଏନ.ଏ.)**

ଗଣିଆ ବ୍ଲକ ଜନ ଅଧିକାର ବିକାଶ ମଞ୍ଚ ପକ୍ଷରୁ ଗଣିଆସ୍ଥିତ ବୁଢାବୁଢୀ ଠାକୁରାଣୀ ପୀଠ ପରିସରରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜନ ଅଧିକାର ବିକାଶ ମଞ୍ଚର ସଭାପତି ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଞ୍ଚାର ଦଶପଲ୍ଲାର ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ମାର୍କଣ୍ଡ ପ୍ରଧାନ, ସାମାଜିକ କର୍ମୀ ପ୍ରଫୁଲ୍ଲ ନାୟକ, ବାଉରୀବନ୍ଧୁ ବେହେରା, ସନ୍ତୋଷ କୁମାର ପ୍ରଧାନ, ପ୍ରକାଶ ମଲ୍ଲିକ, କମଳ ଲୋଚନ ଦଳେଇ ଓ ଯୁବ ସଙ୍ଗଠକ ଜ୍ୟୋତିରଞ୍ଜନ ଦଳେଇ ପ୍ରମୁଖ ଯୋଗଦେଇଥିଲେ। ସେମାନେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୀବନୀ, ଆଦର୍ଶ ଓ ସମାଜକୁ ଦେଇଥିବା ବାର୍ତ୍ତା ସମ୍ପର୍କରେ ମତ ରଖିଥିଲେ। ଏଥିସହ ଏହି ମହାପୁରୁଷଙ୍କ ବିଚାରଧାରାକୁ ନେଇ କିଭଳି ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ଏବଂ ଅଞ୍ଚଳରୁ ଅଧିକରୁ ଅଧିକ ଶିକ୍ଷିତ, ବୁଦ୍ଧିଜିବୀ ଓ ଯୁବଗୋଷ୍ଠୀଙ୍କୁ ସାମିଲ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।




ନେତାଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି ।

# ଏଟିଏମ୍ ଲୁଟ୍ ଉଦ୍ୟମ ମାମଲା, ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି, ୨୩।୧(ଡି.ଏନ.ଏ.)**

ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟ ରାସ୍ତା କଡ଼ରେ ଥିବା ଭାରତୀୟ ଷ୍ଟେଟବ୍ୟାଙ୍କ ଏଟିଏମ୍ ଲୁଟ ଉଦ୍ୟମ ବିଫଳ ହୋଇଛି। ଏହି ମାମଲାରେ ରବିବାର ଦିଗପହଣ୍ଡି ପୋଲିସ ରାଜପୁର ଗାଁର ସାଗର ସ୍ୱାଇଁଙ୍କୁ ନଂ. ୨୩/୨୨ ଅନୁଯାୟୀ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଅଭିଯୁକ୍ତ ଜଣକ ଏଟିଏମ୍ ଲୁଟ ପାଇଁ ମେସିନକୁ କାଟିବା ସମୟରେ ସେଥିରେ ବ୍ୟବହୃତ ସେନସର ସିଷ୍ଟମ୍ ମହାରାଷ୍ଟ୍ରର ପୁନେ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ସୂଚନା ଦେଇଥିଲା। ସେଠାରୁ ଦିଗପହଣ୍ଡି ପୋଲିସକୁ ସୂଚନା ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତାର ଚାରିପଟେ ନାକା ବନ୍ଦୀ କରି ଅଭିଯୁକ୍ତଙ୍କୁ ଧରି ଖୋଳତାଡ ଆରମ୍ଭ କରିଥିଲା। ଏନେଇ ଏଟିଏମ୍ ମେସିନ ତତ୍ତ୍ୱାବଧାରକ ସନ୍ତୋଷ କୁମାର ଦାସଙ୍କ ଏତଲା କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସେହିପରି ଘଟଣା ଦିନ ରାତିରେ ଅଭିଯୁକ୍ତ ଜଣକ ପୂର୍ବରୁ ସ୍ଥାନୀୟ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ସଟରର ଗୋଟିଏ ତାଲାକୁ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ବ୍ୟାଙ୍କ ପରିଚାଳକ ବିଭୂତି ଚରଣ ରାଉତ ଏନେଇ ଅଭିଯୋଗ କରିବା ପରେ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲା। ତେବେ ଏଟିଏମ୍ କିମ୍ବା ବ୍ୟାଙ୍କରୁ କୌଣସି ଚୋରି ହୋଇନଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି

**ନୟାଗଡ଼ ଅଫିସ, ୨୩।୧**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ଅବସରରେ ରବିବାର ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ନୟାଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି,ଜିଲା ଲେଖକ ପରିଷଦ,ପରମ୍ପରା ସାହିତ୍ୟ ପରିଷଦ ପ୍ରମୁଖ ଅନୁଷ୍ଠାନପକ୍ଷରୁ ଜିଲା ଶିକ୍ଷା କାର୍ଯ୍ୟାଳୟ ପରିସରରେ ସ୍ଥାପିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଧୂପ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ସଙ୍ଗଠନ ପକ୍ଷରୁ ଲକ୍ଷ୍ମୀଧର ସାହୁ,ସୁରେଶ ଚନ୍ଦ୍ର ସେଠୀ, ଅଶୋକ କୁମାର ମଲ୍ଲ, ଉମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ନେତାଜୀଙ୍କ ଜୀବନାଦର୍ଶ ତଥା ସ୍ୱାଧୀନତା ସଂଗ୍ରାମ ସଂକ୍ରାନ୍ତରେ ଆଲୋଚନା କରିଥିଲେ ।

# ମାଓବାଦୀ ନାଁରେ ଟଙ୍କା ମାଗି ଜଣେ ଗିରଫ

**ଫୁଲବାଣୀ ଅଫିସ, ୨୩।୧**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଛପଡା ଥାନା ପୋଲିସ ମାଓବାଦୀ ନାମରେ ଟଙ୍କା ମାଗିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ଖଜୁରୀଗାଁର ସୁଶାନ୍ତ ଦିଗାଲ । ସୁଶାନ୍ତ ସଲାଗୁଡା ପଞ୍ଚାୟତ ବଦାପାଙ୍କୁ ଗ୍ରାମକୁ ଯାଇ କେତେଜଣ ଲୋକଙ୍କୁ ମାଓବାଦୀ କହି ଡରାଇବା ସହ ୧୬ ହଜାର୍ ଟଙ୍କା ମାଗିଥିଲେ। ଏଥିରେ ଗ୍ରାମବାସୀ ଭୟଭୀତ ହୋଇ ଗ୍ରାମ କମିଟିରୁ ୧୨ ହଜାର୍ ଟଙ୍କା ବୃଷବ କହଁରଙ୍କ ମାଧ୍ୟମରେ ସୁଶାନ୍ତଙ୍କୁ ଦେଇଥିଲେ। ପରେ ଏ ନେଇ ଗ୍ରାମବାସୀ ଗୋଛାପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା ।

# ବନ୍ଧୁମିଳନରେ ଭଜନ ଲୋକାର୍ପିତ

**ନୟାଗଡ଼ ଅଫିସ, ୨୩।୧**

ନୟାଗଡ଼ ବ୍ଲକର ଜାତୀୟ ସେବା ସଂସ୍ଥା ବହୁମୁଖୀ ଶିକ୍ଷା ନିକେତନ ନବଘନପୁରଠାରେ ରବିବାର ୧୯୯୨ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଶିବ ନାରାୟଣ ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଭଗବାନ ବେହେରା, ପ୍ରଦୋଷ ମହାନ୍ତି, ହରଷ ସାହୁ, ନଳିନୀ ଦାଶ , ସବିତା ସାଥୁଆ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇ ନିଜ ନିଜ ଭିତରେ ପୁରୁଣା ସ୍ମୃତିକୁ ବାଣ୍ଟିଥିଲେ। ଏହି ଅବସରରେ ଇଣ୍ଡିଆନ ମିୟୁଜିକ ପ୍ରସ୍ତୁତ ନୂଆ ଓଡ଼ିଆ ଭଜନ କ୍ୟାସେଟ କଳା ବାମନ ୟୁଟ୍ୟୁବ ଚ୍ୟାନେଲରେ ଲୋକାର୍ପିତ ହୋଇଥିଲା। ଏହି ବ୍ୟାଚର ପୁରାତନ ଛାତ୍ରୀ ନଳିନୀ ଦାଶ ଗୀତ ରଚନା କରିଥିବା ବେଳେ ସଙ୍ଗୀତ ଓ କଣ୍ଠଦାନ କରିଛନ୍ତି ଲୋକପ୍ରିୟ ବେତାର କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ।



ବନ୍ଧୁ ମିଳନ ଅବସରରେ ଭଜନ କ୍ୟାସେଟ ଲୋକାର୍ପଣ କରାଯାଉଛି।

# ପୈଠ ହୋଇନି ବିଲ୍, ବିଦ୍ୟୁତ୍ କାଟିଲା ବିଭାଗ

**ଫୁଲବାଣୀ ଅଫିସ, ୨୩।୧**

- ଏଲଆଇ ପଏଣ୍ଟ ଅଚଳ
- ଚିନ୍ତାରେ ଚାଷୀ

ବାତ୍ୟା ଜୱାଦ ଓ ପରେ ଅଦିନିଆ ବର୍ଷାରେ ଧାନ ଫସଲ ଉଜୁଡିଗଲା । ଚାଷୀକୂଳ ହତାଶ ହୋଇ ପରିବା ଚାଷ ଆରମ୍ଭ କରିଥିଲେ । ଆଉ ସପ୍ତାହେ ମଧ୍ୟରେ ବିକ୍ରି ଲାଗି ବଜାରକୁ ପରିବା ଯାଇଥାନ୍ତା। ଏଭଳି ସମୟରେ ବିଦ୍ୟୁତ୍ ବିଭାଗ ଉଠା ଜଳସେଚନ(ଏଲଆଇ) ପ୍ରକଳ୍ପରେ ବିଦ୍ୟୁତ୍ ବିଚ୍ଛିନ୍ନ କରିଛି। ବକେୟା ନ ଦେଲେ ବିଦ୍ୟୁତ୍ ସଂଯୋଗ ଦିଆଯିବ ନାହିଁ କହି ଚାଷୀଙ୍କୁ ଧମକ ଦେଇଛି। ଏଭଳି ସ୍ଥିତିରେ ଚାଷୀ କୂଳ ସମ୍ପୂର୍ଣ୍ଣ ହତାଶ ହୋଇପଡିଛି। ଫସଲ ଅମଳ ପରେ ବିକ୍ରି କରି ବିଦ୍ୟୁତ ବିଲ ପରିଶୋଧ କରାଯିବ ବୋଲି ଚାଷୀମାନେ କହିଥିଲେ ମଧ ବିଭାଗୀୟ ଅଧିକାରୀ ଶୁଣି ନାହାନ୍ତି। କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ମିଣିଆ ପଞ୍ଚାୟତରୁ ଏଭଳି ଅଭିଯୋଗ ଆସିଛି।

ମିଣିଆ ପଞ୍ଚାୟତର ପିଶୁପଦର, କ୍ରାକିପଡା, ଗଏରୀବାଟା ଏବଂ ଶିରାବିରାରେ ଚାଷୀଙ୍କ କ୍ଷେତକୁ ପାଣି ଯୋଗାଇ ଦେବା ଲାଗି ସାଲୁଙ୍କି ନଦୀରେ ଉଠା ଜଳସେଚନ ପ୍ରକଳ୍ପ ହୋଇଛି । ଏହି ୪ଟି ପ୍ରକଳ୍ପ ଅଧିନରେ ୫୦ରୁ ଊର୍ଦ୍ଧ୍ୱ ଚାଷୀ ସେମାନଙ୍କ ଜମିରେ ଫସଲ କରୁଛନ୍ତି। କ୍ରାକିପଡାରେ ବସିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ କ୍ରାକିପଡା ଏବଂ ପିଶୁପଦର ଉଠା ଜଳସେଚନ ପ୍ରକଳ୍ପକୁ ବିଦ୍ୟୁତ୍ ଦିଆଯାଇଛି । ୨୦୧୬ରେ କ୍ରାକିପଡା ପ୍ରକଳ୍ପ ହୋଇଥିଲା । ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଲ ଠିକ ସମୟରେ ଦିଆଗଲା ନାହିଁ । ଦୀର୍ଘ ୪ ବର୍ଷ ପରେ ୨୦୨୦ରେ ୨୨ ହଜାର ଟଙ୍କାର ଏକ ବିଲ ଆସିଲା। ସେତବେଳେ ତିତ୍‌ଲି ପ୍ରଭାବରେ ପ୍ରକଳ୍ପରେ ଲାଗିଥିବା ବିଦ୍ୟୁତ୍ ମୋଟର ପୋଡି ଯାଇଥିଲା। ଚାଷୀ ମୋଟର କାମ କରିବାରୁ ବିଲ ଦେଇ ନ ପାରି ଦେବେ ବୋଲି ବିଭାଗକୁ କହିଥିଲେ । ହେଲେ ବିଦ୍ୟୁତ୍ ବିଭାଗ ଚଳିତବର୍ଷରେ ୭୯ ହଜାର ଟଙ୍କାର ବିଲ ଦେଇଛି। ଏତେ ବିଲ କିପରି ଆସିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ସମ୍ପର୍କରେ ଚାଷୀମାନେ ପଚାରିବାରୁ, ଟଙ୍କା ପଇଠ କର ନ ହେଲେ ବିଦ୍ୟୁତ୍ କାଟି ଦେବୁ ବୋଲି ବିଭାଗ ଧମକ ଦେବା ସହ ସଂଯୋଗ ବିଚ୍ଛିନ୍ନ କରିଛି। ଫଳରେ କ୍ରାକିପଡା, ପିଶୁପଦର ପ୍ରକଳ୍ପ ଅଧିନରେ ଥିବା ଚାଷୀ ଏବେ କ୍ଷେତରେ ପାଣି ନ ମଡାଇ ପାରି ହତାଶ ହୋଇପଡ଼ିଛନ୍ତି। ପିଶୁପଦର କ୍ଷେତ୍ରରେ ମଧ ମାତ୍ରାଧିକ ବିଲ କରାଯାଇଛି ବୋଲି ଚାଷୀ ଆନନ୍ଦେଶ୍ୱର କହଁର, ଅଶୋକ କହଁର, ଯତିନ୍ଦ୍ର କହଁର ପ୍ରମୁଖ ପ୍ରକାଶ କରିଛନ୍ତି। ସେହିପରି ଗଏରୀବାଟା, ଶିରାବିରା ଏଲଆଇ ପଏଣ୍ଟରେ ମଧ ଅନୁରୂପ ଅବସ୍ଥା । ଗଏରୀବାଟାରେ ବିଦ୍ୟୁତ୍ ବିଲ ୨୨ ହଜାର ଟଙ୍କା ଆସିଥିବା ବେଳେ ଶିରାବିରାରେ ଆଦୌ ମୋଟର ନ ଚାଲି ୧୦ ହଜାର ପାଖାପାଖି ବିଲ ଆସିଛି ବୋଲି ଚାଷୀ ଗୁରୁମନ ଦିଗାଲ, ସୀମାଞ୍ଚଳ ଗୁରୁ, ତିଲୋତମା କହଁର ପ୍ରମୁଖ କହଛନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନ୍ତିଙ୍କୁ ପଚାରିବାରେ ଚାଷୀମାନେ ପାଖାପାଖି ବକେୟା ବିଲରୁ ୮ ପ୍ରତିଶତ ପୈଠ କଲେ ତୁରନ୍ତ ବିଦ୍ୟୁତ ସଂଯୋଗ କରିଦେବୁ ବୋଲି କହଛନ୍ତି।



ଚାଷୀମାନେ ବିଦ୍ୟୁତ୍ ବିଲ୍ ଦେଖାଉଛନ୍ତି।